# ଏକକ ୧ : ପିଲାଙ୍କୁ ବୁଝିବା

ଟିପ୍ପଣୀ

ସଂରଚନା

୧.୦: ଉପକ୍ରମ

୧.୧: ଶିକ୍ଷଣ ଉଦ୍ଦେଶ୍ୟ

୧.୨: ବୃଦ୍ଧି ଓ ବିକାଶ ମଧ୍ୟରେ ପାର୍ଥକ୍ୟ

୧.୩: ବୃଦ୍ଧି ଓ ବିକାଶର ନୀତି

୧.୪: ବୃଦ୍ଧି ଓ ବିକାଶ ମଧ୍ୟରେ ସଂପର୍କ

୧.୫: ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା କାରକ

୧.୬: ବୃଦ୍ଧି ଓ ବିକାଶର ସୋପାନ / ପର୍ଯ୍ୟାୟ

୧.୬:୧: ଶୈଶବାବସ୍ଥାରୁ ବାଲ୍ୟାବସ୍ଥା ପର୍ଯ୍ୟନ୍ତ ବୃଦ୍ଧିର ସୋପାନ ଏବଂ ଜଡ଼ିତ କାର୍ଯ୍ୟ ।

୧.୬:୨: ବିକାଶର ବିଭିନ୍ନ ପର୍ଯ୍ୟାୟରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ପ୍ରୟୋଗ ।

୧.୭: ଶିଶୁର ବୃଦ୍ଧି ଓ ବିକାଶରେ ଶିକ୍ଷକଙ୍କ ଭୂମିକା

୧.୮: ସାରାଂଶ

୧.୯: ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧.୧୦: ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧.୧୧: ପାଠାନ୍ତ ପ୍ରଶ୍ନାବଳୀ



ଟିପ୍ପଣୀ

## ୧.୦: ଉପକ୍ରମ

ଶିଶୁମାନଙ୍କର ବୃଦ୍ଧି ଓ ବିକାଶ ସମ୍ବନ୍ଧୀୟ ଜ୍ଞାନ ଶିକ୍ଷକମାନଙ୍କୁ ସେମାନଙ୍କର ଦୋଷ ଦୁର୍ବଳତା, ସାମର୍ଥ୍ୟତା ଓ ଆଗ୍ରହ ପ୍ରଭୃତି ନିରୂପଣ କରିବାରେ ସହାୟକ ହୋଇଥାଏ । ଫଳରେ ଉପଯୁକ୍ତ ମାର୍ଗଦର୍ଶନ ଅବଲମ୍ବନ କରି ସେମାନଙ୍କୁ ନିଜନିଜର ଅଧିକାର ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାଇବା ଦିଗରେ ଶିକ୍ଷକ ସଫଳ ହୋଇଥାନ୍ତି । ଏହା ମଧ୍ୟ କୁହାଯାଇପାରେ ଯେ ଶିଶୁ ଜନ୍ମ ହେବା ସହିତ ପରିବେଶ ଶିଶୁର ବୃଦ୍ଧି ଓ ବିକାଶରେ ପ୍ରଭାବ ପକାଇଥାଏ । ଶିଶୁ ଦକ୍ଷତାର ପରିପକ୍ୱତା ସହିତ ତା'ର ପରିବେଶ ପ୍ରଭାବର ମାତ୍ରା ବୃଦ୍ଧି ଘଟିଥାଏ । ଏଣୁ ଜଣେ ଶିକ୍ଷକ ମାନବ ବୃଦ୍ଧିର ସ୍ୱରୂପ ଏବଂ ବିକାଶର ନୀତି ସମୂହ ଜ୍ଞାନକୁ ସମ୍ୟକ୍ ଭାବେ ଆହରଣ କରିବା ଆବଶ୍ୟକ ।ଏ ଦିଗରେ ମଧ୍ୟ ପ୍ରତ୍ୟେକ ଶୈକ୍ଷିକ ପ୍ରଚେଷ୍ଟାଜାରି ରହିବା ଉଚିତ୍ । ଏହା ସୁସ୍ପଷ୍ଟ ଯେ ଶିକ୍ଷାର ଏହି ଲକ୍ଷ୍ୟ ପୂରଣ ନିମନ୍ତେ ମାନବ ବିକାଶର ବିଭିନ୍ନ ପର୍ଯ୍ୟାୟ ଯଥା ଭ୍ରୁଣାବସ୍ଥାରୁ ପ୍ରୌଢାବସ୍ଥା ଏବଂ ବାର୍ଦ୍ଧକ୍ୟାବସ୍ଥା ପର୍ଯ୍ୟନ୍ତ ବିକାଶ ସମ୍ବନ୍ଧୀୟ ବିସ୍ତୃତ ଜ୍ଞାନ ଶିକ୍ଷକ ଆହରଣ କରିବା ଯଥାର୍ଥ ଅଟେ ।

ଶିଶୁ ଜୀବନର ଆଦ୍ୟାବସ୍ଥାରେ ସଂଘଠିତ ବୃଦ୍ଧି ଓ ବିକାଶ ପରବର୍ତ୍ତୀ ପର୍ଯ୍ୟାୟର ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରିଥାଏ । ତେଣୁ ବିକାଶ ହେଉଛି ଗର୍ଭାବସ୍ଥାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ବୃଦ୍ଧି ଓ ବିକାଶର ବିଭିନ୍ନ ଧାରାକୁ ଶିକ୍ଷକ ଜାଣିବା ସହିତ ଶିଶୁର ବିକାଶକୁ ତ୍ୱରାନ୍ୱିତ ଓ ପୂର୍ଣ୍ଣତା ପ୍ରାପ୍ତି ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରିବା ଆବଶ୍ୟକ । ଶିକ୍ଷାୟତନମାନଙ୍କରେ ଭିନ୍ନଭିନ୍ନ ପରିବେଶ, ପରିସ୍ଥିତି ଓ ବିଭିନ୍ନ ସାମାଜିକ - ଅର୍ଥନୈତିକ ଏବଂ ସାଂସ୍କୃତିକ ପରିବେଶରୁ ଆସିଥିବା ତଥା ଭିନ୍ନ ବ୍ୟକ୍ତିଗତ ପାର୍ଥକ୍ୟ ଥିବା ଶିଶୁମାନଙ୍କ ସହିତ ଶିକ୍ଷକ କାର୍ଯ୍ୟ କରିଥାନ୍ତି । ଏହି ଏକକରେ ବୃଦ୍ଧି ଓ ବିକାଶର ବିଭିନ୍ନ ନୀତି ଏବଂ ବୈଶିଷ୍ଟ୍ୟଗୁଡ଼ିକୁ ବୁଝି, ଶିଶୁର ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଉପଯୁକ୍ତ ମାର୍ଗଦର୍ଶନ ମାଧ୍ୟମରେ ସେମାନଙ୍କର ସର୍ବାଙ୍ଗୀନ ବିକାଶ କରାଇବା ଏହାର ଲକ୍ଷ୍ୟ । ଶିଶୁର କ୍ରମାଗତ ଆଚରଣ ପରିବର୍ତ୍ତନ ଧାରାକୁ ବୁଝି ଶିକ୍ଷାଦାନ ଓ ଶିକ୍ଷଣ ପରିବେଶ ପ୍ରଦାନ କରିବା ଶିକ୍ଷକଙ୍କର ମୁଖ୍ୟ ଲକ୍ଷ୍ୟ ଅଟେ ।

## ୧.୧: ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ ପରେ ତୁମେ ସାମର୍ଥ୍ୟ ହେବ;

* ବୃଦ୍ଧି ଓ ବିକାଶର ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାରେ ;
* ବୃଦ୍ଧି ଓ ବିକାଶର ବିଭିନ୍ନ ନୀତିକୁ ତାଲିକା ଏବଂ ବର୍ଣ୍ଣନା କରିବାରେ ;
* ବୃଦ୍ଧି ଓ ବିକାଶ ମଧ୍ୟରେ ସଂପର୍କ ସ୍ଥାପନ କରିବାରେ ;
* ବୃଦ୍ଧି ଓ ବିକାଶକୁ ପ୍ରଭାବିତ  କରୁଥିବା କାରକ ଗୁଡ଼ିକର ତାଲିକା କରିବାରେ ;
* ଶିଶୁର ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ବୃଦ୍ଧି ଓ ବିକାଶ ଶାରୀରୀକ, ମାନସିକ, ଆବଗିକ, ସାମାଜିକ ଏବଂ ନୈତିକ ବୈଶିଷ୍ଟ୍ୟ ଗୁଡ଼ିକୁ ଚିହ୍ନଟ କରିବାରେ ; ଓ
* ଶିଶୁର ବୃଦ୍ଧି ଓ ବିକାଶରେ ଶିକ୍ଷକଙ୍କର ଭୂମିକା ବର୍ଣ୍ଣନା କରିବାରେ ।

## ୧.୨: ବୃଦ୍ଧି ଓ ବିକାଶ ମଧ୍ୟରେ ପାର୍ଥକ୍ୟ

ପରିପକ୍ୱତା ଓ ଅଭିଜ୍ଞତା ଫଳରେ ଶିଶୁର ପ୍ରଗତିଶୀଳ ଓ ସୁବ୍ୟବସ୍ଥିତ ପରିବର୍ତ୍ତନକୁ ବିକାଶ କୁହାଯାଉଥିବା ବେଳେ ବୃଦ୍ଧି ଶାରିରୀକ ଓ ଗଠନାତ୍ମକ ପରିବର୍ତ୍ତନକୁ ବୁଝାଏ । ବିକାଶ ଉଭୟ ବୃଦ୍ଧି ପରିବେଶ ଦ୍ୱାରା ପ୍ରଭାବିତ

ଆଚରଣଗତ ପରିବର୍ତ୍ତନ ସମୂହ ସହିତ ଜଡ଼ିତ ବିକାଶ ହେଉଛି ଏକ ସଂବ୍ୟାପକ ଶବ୍ଦ ଯେଉଁ ଧାରାରେ ଉଭୟ ପରିପକ୍ୱତା ଓ ଆଚରଣଗତ ପରିବର୍ତ୍ତନ ଅନ୍ତର୍ଭୁକ୍ତ । ବୃଦ୍ଧି ହେଉଛି ଏକ ନିରନ୍ତର ପରିବର୍ତ୍ତନ ଯାହାକୁ ଓଜନ, ଉଚ୍ଚତା ଏବଂ ଆକାର ଇତ୍ୟାଦି ଦୃଷ୍ଟିରୁ ମପାଯାଇପାରେ । ଯଦିଓ ବୃଦ୍ଧି ଏବଂ ବିକାଶ ଉଭୟ ପରିବର୍ତ୍ତନକୁ ସୂଚାଇବା ପାଇଁ ଅଦଳବଦଳ ଭାବରେ ବ୍ୟବହାର କରାଯାଇପାରିବ, ତଥାପି ସେଗୁଡ଼ିକ ନିମ୍ନ ପ୍ରକାରରେ ପରସ୍ପରଠାରୁ  ପୃଥକ ଅଟେ ।

କ୍ର. ନଂ      ବୃଦ୍ଧି

୧. ବୃଦ୍ଧି ଆକାରଗତ  (ଉଚ୍ଚତା, ଓଜନ ଏବଂ ଦୈର୍ଘ୍ୟ) ବା ପରିମାଣାତ୍ମକ ପରିବର୍ତ୍ତନକୁ କୁହାଯାଏ ।

୨. ବୃଦ୍ଧି ଶାରିରୀକ ପରିବର୍ତ୍ତନକୁ ବୁଝାଏ ।

୩. ବିକାଶର ଗୋଟିଏ ଅଂଶ ହେଉଛି ବୃଦ୍ଧି ।

୪. ବୃଦ୍ଧର ପରିପକ୍ୱତାରେ ସମାପ୍ତି ଘଟିଥାଏ ।

୫. ଶାରୀରୀକ ପରିବର୍ତ୍ତନ କିମ୍ବା ବୃଦ୍ଧିକୁ ସହଜରେ ଲକ୍ଷ୍ୟ କରାଯାଇପାରେ ଏବଂ ମପାଯାଇପାରେ ।

୬. ବୃଦ୍ଧି ଯୋଗୁଁ ବିକାଶ ସଂଗଠିତ ହୋଇପାରେ ବା ହୋଇପାରିନଥାଏ ।

ବିକାଶ

୧. ଆକାର ଏବଂ ଆକୃତିର ଯୋଗୁଁ ପରିବର୍ତ୍ତନ ଗୁଣାତ୍ମକ   କାର୍ଯ୍ୟ ଦକ୍ଷତା ବା କର୍ମକୁଶଳତାର ପରିବର୍ତ୍ତନକୁ ବିକାଶ କୁ କୁହାଯାଏ ।

୨. ବିକାଶ ଶାରୀରୀକ ପରିବର୍ତ୍ତନ ସହ ସର୍ବାଙ୍ଗୀନ ପରିବର୍ତ୍ତନକୁ ବୁଝାଏ ।

୩. ବିକାଶ ସାମଗ୍ରିକ ପରିବର୍ତ୍ତନ କୁ ବୁଝାଏ ।

୪. ବିକାଶ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ ।

୫. ଗୁଣାତ୍ମକ ପରିବର୍ତ୍ତନ କିମ୍ବା ବିକାଶ ସଂପୂର୍ଣ୍ଣ ଭାବରେ ପର୍ଯ୍ୟବେକ୍ଷଣକ୍ଷମ ବା ପରିମାପ କ୍ଷମ ନୁହେଁ ।

୬. ବିକାଶ ଯୋଗୁଁ ଶିଶୁର / ବ୍ୟକ୍ତିର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର କାର୍ଯ୍ୟ ସଂପାଦନ ଦକ୍ଷତାରେ ପରିବର୍ତ୍ତନ ଘଟିଥାଏ । ମାତ୍ର ବିକାଶର ଅର୍ଥ ବୃଦ୍ଧି ନୁହେଁ ।

ଶିଶୁର ବ୍ୟବହାର ତଥା ବିଭିନ୍ନ କାର୍ଯ୍ୟ ସମ୍ପାଦନାର ପ୍ରଗତିଶୀଳ,  ଧାରାବାହିକ, କ୍ରମିକ ଓ ସୁସଙ୍ଗତ ପରିବର୍ତ୍ତନ ଗୁଡ଼ିକୁ  ବିକାଶ କୁହାଯାଏ ।

**ନିଜର ପ୍ରଗତି ପରଖିବା -୧**

ବୃଦ୍ଧି, ବିକାଶଠାରୁ ପୃଥକ୍ କି ? ଯଦି ହଁ,କିପରି ? ପ୍ରାୟ ୫୦ଟି ଶବ୍ଦରେ ଲେଖ ।

ଉ...........................................................................................

.............................................................................................

.............................................................................................

.............................................................................................

**୧.୩: ବୃଦ୍ଧି ବିକଶର ମୂଳନୀତି / ବିଧି**

ବୃଦ୍ଧି ହେଉଛି ଏକ ସକ୍ରିୟ ଗତିଶୀଳ ପ୍ରକ୍ରିୟା । ଏହା ଯୋଗୁଁ ବ୍ୟକ୍ତି ଆଚରଣରେ ଯେଉଁ ଧାରାବାହିକ, ପ୍ରଗତିଶୀଳ ତଥା ଉନ୍ନତିଶୀଳ ପରିବର୍ତ୍ତନ ଆସେ ତାହାକୁ ବିକାଶ କୁହାଯାଏ । ବିକାଶ ଯୋଗୁଁ ଶିକ୍ଷାର୍ଥୀ ଅଧିକ ଦକ୍ଷ, ସୁସ୍ଥ,

ଟିପ୍ପଣୀ

ଟିପ୍ପଣୀ

ସ୍ଥିର, ଦୃଢ ଓ ସଂଗଠିତ ହୁଏ ଏବଂ ଦକ୍ଷତାର ସହ ଆଚରଣ ପ୍ରଦର୍ଶନ କରିଥାଏ । ଜଣେ ଶିଶୁର ବୟସ ବୃଦ୍ଧି ସହିତ ତା'ର ଉଚ୍ଚତା ଓ ଓଜନ ଇତ୍ୟାଦିରେ ବୃଦ୍ଧି ଘଟିଥାଏ । ସେ ମଧ୍ୟ ତା'ର ଚଳନଶକ୍ତି, ଅନୁଭୂତି, ଆବେଗିକ ନିୟନ୍ତ୍ରଣ, ସାମାଜିକ ସମଯୋଜନ, ଭାଷା ଜ୍ଞାନ ଏବଂ ମାନସ୍ତାତ୍ତ୍ୱିକ ଓ ସାମାଜିକ ବିକାଶର ବିଭିନ୍ନ ଦିଗ ଇତ୍ୟାଦିରେ ପାରଙ୍ଗମତା ହାସଲ କରିଥାଏ । ନିମ୍ନରେ ୯ ଗୋଟି ମୂଳନୀତି / ବିଧି ଦିଆଯାଇଛି, ତୁମେ ସେଗୁଡ଼ିକର ବିଶ୍ଳେଷଣ କର ଏବ କେଉଁ ଗୁଡ଼ିକ ତୁମ ପାର୍ଶ୍ୱରେ ପିଲାମାନଙ୍କ ପାଇଁ ପ୍ରଯୁଜ୍ୟ ତାହା ଲକ୍ଷ୍ୟ କର ।

**(କ) ବିକାଶ ଏକ କ୍ରମ ବା ଢାଞ୍ଚା ଅବଲମ୍ୱନ କରିଥାଏ**

ପ୍ରସବ ପୂର୍ବ (ଜନ୍ମ ପୂର୍ବବର୍ତ୍ତୀ ସମୟ ) ଏବଂ ପ୍ରସବ ପରବର୍ତ୍ତୀ ସମୟ (ଜନ୍ମ ପରବର୍ତ୍ତୀ) ରେ ମାନବର ବିକାଶ ଏକ ଅନୁକ୍ରମିକ ପଦ୍ଧତି ଅବଲମ୍ୱନ କରି ଶାରୀରିକ ବିକାଶ, ଏବଂ ବୌଦ୍ଧିକ ବିକାଶ ପେଶୀ ସଞ୍ଚଳନ ବିକାଶ, ଭାଷା ବିକାଶ ସଂଗଠିତ ହୁଏ ।

**(ଖ) ବିକାଶ ଏକ ନିର୍ଦ୍ଦିଷ୍ଟ ଦିଗରେ ସଂଘଟିତ**

ବିକାଶର ଗତି ସେଫାଲୋ - କଡ଼ାଲ ବା ଉଚ୍ଚ ଭାଗରୁ ନିମ୍ନ ଭାଗକୁ ଗତିକରିଥାଏ । ଅର୍ଥାତ୍ ନବ ଜନ୍ମିତ ଶିଶୁର ବୃଦ୍ଧି ଓ ବିକାଶ ପ୍ରଥମେ ଶରୀରର ଉଚ୍ଚଭାଗ ଅର୍ଥାତ୍ ମସ୍ତିଷ୍କରୁ ଆରମ୍ଭ ହୋଇ ନିମ୍ନଭାଗ ଆଡ଼କୁ ଗତି କରିଥାଏ । ସେହିପରି ବିକାଶର ଗତି ମଧ୍ୟ 'ପ୍ରୋକ୍ସି ମୋଡ଼ିଷ୍ଟଲ' ବା କେନ୍ଦ୍ରରୁ ବା ଆଭ୍ୟନ୍ତରରୁ ବାହ୍ୟକୁ ଗତି କରେ । ଅର୍ଥାତ୍ ଶିଶୁର ବିକାଶ କ୍ଷେତ୍ରରେ ପ୍ରଥମେ ବୃହତ ମାଂସପେଶୀ କାର୍ଯ୍ୟକ୍ଷମ ହେବା ପରେ ପରେ ସୂକ୍ଷ୍ମ ମାଂସପେଶୀ କାର୍ଯ୍ୟକ୍ଷମ ହୋଇଥାଏ । ଉଦାହରଣ ସ୍ୱରୂପ - ପରବର୍ତ୍ତୀ ସମୟରେ ଆଙ୍ଗୁଳିର ସୂକ୍ଷ୍ମ ମାଂସପେଶୀ କାର୍ଯ୍ୟକ୍ଷମ ହୁଏ । ଆଙ୍ଗୁଳି ସାହାଯ୍ୟରେ ବଲ୍ ଧରିବାପାଇଁ ହେଲେ ହାତର ମାଂସପେଶୀ ପ୍ରଥମେ କାର୍ଯ୍ୟକ୍ଷମ ହେବା ଜରୁରୀ ଅଟେ ।

**(ଗ) ବିକାଶ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା**

ବିକାଶର ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଏହା ମାତୃଗର୍ଭରୁ ଭ୍ରୂଣ ସଂଞ୍ଚାର ଠାରୁ ଆରମ୍ଭ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଧାରାବାହିକ ଭାବେ ପରିବର୍ତ୍ତନ / ବିକଶିତ ହୋଇଥାଏ । ଅର୍ଥାତ୍ ଗର୍ଭ ସଞ୍ଚାରଠାରୁ ସମାଧିସ୍ଥଳ ପର୍ଯ୍ୟନ୍ତ ବିକାଶର ଧାରା ପ୍ରଲମ୍ୱିତ ଅଟେ ।

**(ଘ) ବୃଦ୍ଧି ଓ ବିକାଶର ହାର ସମାନ ନୁହେଁ**

ଯଦିଓ ବିକାଶ ଏକ ଧାରାବାହିକ ପ୍ରକ୍ରିୟା, ବୃଦ୍ଧି ଓ ବିକାଶର ହାର ଏକାପରି ନୁହଁ । କେତେକ ଶିଶୁଙ୍କର ମାନସିକ ବିକାଶ ଦ୍ରୁତଗତିରେ ହେଉଥିବା ବେଳେ ଅନ୍ୟ କେତେକ ଶିଶୁଙ୍କର ମାନସିକ ବିକାଶ ମନ୍ଥର ହୋଇଥାଏ । ଜନ୍ମର ଆରମ୍ଭରେ ବା ପ୍ରଥମ କିଛି ବର୍ଷ ମଧ୍ୟରେ ଶିଶୁର ବିକାଶ ଦ୍ରୁତ ଗତିରେ ହୋଇଥାଏ ଏବଂ ପରବର୍ତ୍ତୀ ବୟସରେ କ୍ରମେ ମନ୍ଥର ହୋଇଯାଏ । ପୁନଶ୍ଚ କୈଶୋରାବସ୍ଥାରେ ବୃଦ୍ଧି ଓ ବିକାଶ ଦ୍ରୁତଗତିରେ ସଂପାଦିତ ହେବାବେଳେ, ଯାହାକି ପରବର୍ତ୍ତୀ ସମୟରେ ଏହା ମନ୍ଥର ହୋଇଥାଏ ।

**(ଙ) ବିକାଶରେ ବ୍ୟକ୍ତିଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ**

ପ୍ରତ୍ୟେକ ବ୍ୟକ୍ତିର ବିକାଶର ବେଗ ଏବଂ ଗୁଣ ସମାନ ହୋଇନଥାଏ । ଶିଶୁ ବିକାଶର ବିଭିନ୍ନ ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଭିନ୍ନତା ପରିଲକ୍ଷିତ ହୁଏ । ବାଳିକା ଏବଂ ବାଳକ ମାନଙ୍କର ବୃଦ୍ଧି ଓ ବିକାଶର ବେଗ ପରସ୍ପରଠାରୁ ପୃଥକ ଅଟେ । ବାଳିକାମାନେ ବାଳକମାନଙ୍କ ଅପେକ୍ଷା ଶୀଘ୍ର ପରିପକ୍ୱତା ହାସଲ କରିଥାନ୍ତି ।

ଉଦାହରଣ ସ୍ୱରୂପ - ସମବୟସ୍କ ବାଳକ ଓ ବାଳିକାମାନଙ୍କୁ ଲକ୍ଷ୍ୟ କଲେ ଜଣାଯାଏ ଯେ ବାଳିକାମାନଙ୍କର ବିକାଶ ଅତ୍ୟନ୍ତ କ୍ଷିପ୍ର ଅଟେ । ଏପରିକି ବାଳକ ବାଳକ ଏବଂ ବାଳିକାମାନଙ୍କ ମଧ୍ୟରେ ବିକାଶ ଦିଗରେ ପ୍ରଭେଦତା ଦେଖାଯାଏ ।

**(ଚ) ବିକାଶ ସାଧାରଣ ନିର୍ଦ୍ଦିଷ୍ଟ ଦିଗକୁ ଗତି କରିଥାଏ**

ଶିଶୁର ବିଭିନ୍ନ ଦିଗରେ ବିକାଶ ପ୍ରଥମେ ସ୍ୱାଭାବିକ ଭାବେ ହୋଇଥାଏ । ଶିଶୁ ବିଭିନ୍ନ ଶବ୍ଦ ଓ ଅକ୍ଷର କହିବା ପୂର୍ବରୁ ଅସ୍ପଷ୍ଟ ଭାବରେ କହିବା ବା ଶବ୍ଦ କରିଥାଏ । ସେହିପରି ଶିଶୁଟି ପ୍ରଥମେ ବଡ଼ ବଡ଼ ବସ୍ତୁ ଦେଖିଥାଏ ତା' ପରେ ଛୋଟ ଛୋଟ ବସ୍ତୁକୁ ଚିହ୍ନିଥାଏ । ଅନ୍ୟ ଅର୍ଥରେ କହିଲେ, ଶିଶୁର ବିକାଶର ପ୍ରତ୍ୟେକ ଅବସ୍ଥାରେ ସାଧାରଣ ଦକ୍ଷତାର ଅଭିବୃଦ୍ଧି ନିର୍ଦ୍ଦିଷ୍ଟ ଦକ୍ଷତାର ଅଭିବୃଦ୍ଧିରେ ସହାୟକ ହୋଇଥାଏ ।

**(ଛ) ଏକୀକରଣ ବିକାଶର ଏକନୀତି**

ଶିଶୁର ବୟସର ବୃଦ୍ଧି, ବିକାଶ ଓ ଅନୁଭୂତି ଫଳରେ, ସେ ତା ସଂସ୍ପର୍ଶରେ ଆସୁଥିବା ସବୁ ବ୍ୟକ୍ତିଙ୍କ ମଧ୍ୟରେ ପ୍ରଭେଦ ଜାଣିପାରେ ଏବଂ ଶେଷରେ ଏକ ନିର୍ଦ୍ଦିଷ୍ଟ ସ୍ତ୍ରୀ ଲୋକକୁ ତା'ର ମାଆ ବୋଲି ସମ୍ବୋଧନ କରିଥାଏ । ଏହା ସାଧାରଣ ପ୍ରତିକ୍ରିୟାକୁ ଏକ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟାରେ ରୂପାନ୍ତର କରିଥାଏ । ବିକାଶର ଏହି ଧାରା ସାମଗ୍ରୀକରୁ ନିର୍ଦ୍ଦିଷ୍ଟ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟରୁ ସାମଗ୍ରୀକକୁ ଗତି କରିଥାଏ ।

**(ଜ) ବିକାଶ ପାରସ୍ପରିକ ସଂପର୍କ / ସମ୍ବନ୍ଧ ନୀତି ଉପରେ ପର୍ଯ୍ୟବେସିତ**

ଶିଶୁର ବିକାଶର ବିଭିନ୍ନ ଦିଗ ପରସ୍ପର ସହିତ ନିବିଡ଼ ଭାବେ ଜଡ଼ିତ । ସାମାଜିକ ବିକାଶର ଗୋଟିଏ ଦିଗ ଶିଶୁର ଅନ୍ୟାନ୍ୟ ବିକାଶ ଯଥା : ଆବେଗିକ, ମାନସିକ ଏବଂ ବୌଦ୍ଧିକ ଦିଗ ଇତ୍ୟାଦି ଉପରେ ପ୍ରଭାବ ପକାଇଥାଏ ଏବଂ ଏହା ପରସ୍ପର ସହିତ ସମ୍ବନ୍ଧିତ ଅଟେ ।

**(ଝ) ବିକାଶ ଅନୁମାନ କ୍ଷମ ଅଟେ**

ପ୍ରତ୍ୟେକ ଶିଶୁର ବୃଦ୍ଧି ଓ ବିକାଶର ବେଗ / ହାରକୁ ବିଗ୍ରହକୁ ନେଇ ଶିଶୁର ଭବିଷ୍ୟତ ବିକାଶକୁ ଆକଳନ କରିବା ଯଥାର୍ଥ ଅଟେ ।

**ନିଜର ପ୍ରଗତି ପରଖିବା - ୨**

୧ - ଶିଶୁର ବୃଦ୍ଧି ଓ ବିକାଶର ନୀତି ଗୁଡ଼ିକ ଲେଖ ।

ଉ.......................................................................................................

.........................................................................................................

.........................................................................................................

.........................................................................................................

## ୧.୪: ବୃଦ୍ଧି ଓ ବିକାଶ ମଧ୍ୟରେ ସଂପର୍କ

ବର୍ତ୍ତମାନ ଆମେ 'ବୃଦ୍ଧି'ଓ 'ବିକାଶ' ମଧ୍ୟରେ ଥିବା ସଂପର୍କକୁ ଅସ୍ୱୀକାର କରିପାରିବା ନାହିଁ । ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ଦୁଇ ଶବ୍ଦ ପରସ୍ପର ପରିପୂରକ ଅଟେ । ବୃଦ୍ଧି ବିନା ବିକାଶ ଅସମ୍ଭବ । ବୃଦ୍ଧି କୋଷ ସମୂହର ବହୁ ବୃଦ୍ଧି କରଣ ଅଟେ, ଯଥା: ଉଚ୍ଚତର ବୃଦ୍ଧି, ଓଜନ ଏବଂ ମେଧାଶକ୍ତି ଇତ୍ୟାଦିର ବୃଦ୍ଧିକୁ ବୁଝାଏ । ବୃଦ୍ଧି ପରିମାଣାତ୍ମକ ପରିବର୍ତ୍ତନକୁ ବୁଝାଉଥିବା ବେଳେ ବିକାଶ ଗୁଣାତ୍ମକ ପରିବର୍ତ୍ତନକୁ ବୁଝାଏ । ଅନ୍ୟପକ୍ଷରେ ବିକାଶ ହେଉଛି ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ସାଂଗଠନିକ ବୃଦ୍ଧି ତଥା ଅଙ୍ଗପ୍ରତଙ୍ଗର କର୍ମକୁଶଳତା / ଦକ୍ଷତାର

ଟିପ୍ପଣୀ

ପରିବର୍ତ୍ତନକୁ ବୁଝାଏ । ଅନ୍ୟ ଅର୍ଥରେ କହିଲେ ବୃଦ୍ଧି ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ପରିବର୍ତ୍ତନକୁ ବୁଝାଉଥିବା ବେଳେ, ବିକାଶ ଶିଶୁର ସର୍ବାଙ୍ଗୀନ ପରିବର୍ତ୍ତନକୁ ବୁଝାଇଥାଏ । ଅନ୍ୟ ପକ୍ଷରେ ବୃଦ୍ଧି ହେଉଛି ଏକ ପ୍ରକ୍ରିୟା ଯାହା ବ୍ୟକ୍ତିର ବିନା ନିର୍ଦ୍ଦେଶ କିମ୍ୱା ନିୟନ୍ତ୍ରଣରେ ସଂଗଠିତ ହୋଇଥାଏ । ବୃଦ୍ଧି ଉଭୟ ପରପକ୍ୱତା ଏବଂ ଶିକ୍ଷଣ ଉପରେ ନିର୍ଭର କରେ । ପରିପକ୍ୱତା ବ୍ୟକ୍ତିର ମାଂସପେଶୀୟ ଓ ସ୍ନାୟବିକ ବ୍ୟବସ୍ଥାର ପରିବର୍ତ୍ତନକୁ ବୁଝାଇଥାଏ ଏବଂ ଶିକ୍ଷଣ ବ୍ୟକ୍ତିର ପାରିପାର୍ଶିକ ପ୍ରଭାବର ଉପଯୁକ୍ତ କ୍ରିୟାର ପ୍ରୟୋଗକୁ ବୁଝାଏ । ଯାହାଫଳରେ ସଂପୂର୍ଣ୍ଣ ବିକାଶ କ୍ରମାଗତ ଢାଞ୍ଚାର ପରିବର୍ତ୍ତନକୁ ସୂଚିତ କରେ ଯାହା ପରିପକ୍ୱତା ଏବଂ ପାରିପାର୍ଶ୍ୱିକ କାରକ ଗୁଡ଼ିକ ଉପରେ ନିର୍ଭର କରିଥାଏ । ଶିଶୁର ସମସ୍ତ ବୃଦ୍ଧି ପ୍ରକ୍ରିୟାଗୁଡ଼ିକ ପରିବେଶର ଓ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇଥାଏ । ବୃଦ୍ଧିର କେତେକ ପ୍ରକ୍ରିୟା ଯଥା - ଚାଲିଶିଖିବା, କିମ୍ୱା କଥା କହି ଶିଖିବା, ଇତ୍ୟାଦି ସ୍ୱଳ୍ପ ସମୟ ଅବଧି ମଧ୍ୟରେ ସଂଘଟିତ ହୋଇଥାଏ । କିନ୍ତୁ ଅନ୍ୟାନ୍ୟ ପରିବର୍ତ୍ତନ / ପ୍ରକ୍ରିୟାଗୁଡ଼ିକ ଅଧିକ ସମୟ ନେଇଥାଏ । ଯେତେବେଳେ ଆମେ ଶିଶୁର ପୂର୍ବ ଆଚରଣ ସହ ବର୍ତ୍ତମାନର ଆଚରଣକୁ ତୁଳନା କରୁ, ସେତେବେଳେ ଆମେ ଶିଶୁର ବୃଦ୍ଧି ହୋଇଛି ବୋଲି କହୁ ।

**ନିଜର ପ୍ରଗତି ପରଖିବା – ୩**

୧. ତୁମେ କିପରି ବୃଦ୍ଧି ସହିତ ବିକାଶର ସଂପର୍କକୁ ନିର୍ଣ୍ଣୟ କରିବ ? ୫୦ଟି ଶବ୍ଦରେ ଲେଖ ।

ଉ.................................................................................................................

.................................................................................................................

.................................................................................................................

.................................................................................................................

**୧.୫: ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା କାରକ**

ଗର୍ଭ ସଞ୍ଚାରଠାରୁ ମାତୃଗର୍ଭରେ ଏକ ଜୀବନର ଆରମ୍ଭ ହୁଏ । ମାନବର ବୃଦ୍ଧି ଏବଂ ବିକାଶ ବିଭିନ୍ନ କାରକ ଦ୍ୱାରା ପ୍ରଭାବିତ ହୁଏ । ସେହି କାରକଗୁଡ଼ିକୁ ମୁଖ୍ୟତଃ ୨ ଭାଗରେ ବିଭକ୍ତ କରାଯାଇପାରେ । ଯଥା : (୧) ଆଭ୍ୟନ୍ତରୀଣ କାରକ (୨) ବାହ୍ୟ କାରକ । ଆସ ଏହି ସମସ୍ତ କାରକ ଗୁଡ଼ିକୁ ନିମ୍ନରେ ଆଲୋଚନା କରିବା ।

**୧. ଆଭ୍ୟନ୍ତରୀଣ କାରକ:** ଯେଉଁ କାରକ ଗୁଡ଼ିକ ବ୍ୟକ୍ତିର ଭିତରେ ଥାଏ, ତାହା ହେଉଛି ଆଭ୍ୟନ୍ତରୀଣ କାରକ । ଯଥା :

(କ) ବଂଶାନୁଗୁଣ — (ଘ) ଆବେଗିକ
(ଖ) ଜୈବିକ — (ଙ) ସାମାଜିକ ପ୍ରକୃତି
(ଗ) ବୁଦ୍ଧି ଶକ୍ତି

ଶିଶୁର ବୃଦ୍ଧି ଓ ବିକାଶରେ ଉପରୋକ୍ତ ଅନ୍ତର୍ନିହିତ କାରକ ଗୁଡିକର ପ୍ରଭାବ ଆସ ଆଲୋଚନା କରିବା ।

**(କ) ବଂଶାନୁଗୁଣ :** ବଂଶାନୁଗୁଣ ମାତୃଗର୍ଭରୁ ଗର୍ଭସଞ୍ଚାର ଠାରୁ ଶିଶୁର ବୃଦ୍ଧି ଓ ବିକାଶରେ ଭୂମିକା ଗ୍ରହଣ କରିଥାଏ । ପିତାମାତାଙ୍କ ଗୁଣ ଓ ବୈଶିଷ୍ଟ୍ୟ ତାଙ୍କର ସନ୍ତାନସନ୍ତତିମାନଙ୍କୁ ଗୁଣସୂତ୍ର ଓ ଜିନ୍ ମାଧମରେ ସ୍ଥାନାନ୍ତରିତ ହୋଇଥାଏ । ଏହି ଗୁଣସୂତ୍ର ଶିଶୁର ବୃଦ୍ଧି ଓ ବିକାଶରେ ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟ ଭୂମିକା ନିଭାଇଥାନ୍ତି । ଭବିଷ୍ୟତରେ ଶିଶୁର ବ୍ୟକ୍ତିତ୍ୱ କିପରି ହେବ, ତା'ର ସ୍ୱଭାବ କିପରି ହେବ, ତାହା ତା'ର

ବଂଶଗତ ଗୁଣ ଉପରେ ନିର୍ଭର କରିଥାଏ । ଶିଶୁର ଉଚ୍ଚତା, ଓଜନ, ଆଖିର ଓ ଦେହର ରଙ୍ଗ, ବାଳର ବୈଶିଷ୍ଟ୍ୟ ଇତ୍ୟାଦି ବଂଶାନୁଗୁଣ ଦ୍ୱାରା ପ୍ରଭାବିତ ହୋଇଥାଏ । ଶାରୀରୀକ ଗଠନ,ସ୍ନାୟୁ ସଂସ୍ଥା, ଶାରୀରିକ ବିକାଶ, ଶିଶୁର ଶାରୀରିକ ସୌନ୍ଦର୍ଯ୍ୟ ଓ ଗଠନ ଇତ୍ୟାଦିରେ ବଂଶାନୁଗୁଣର ବଳିଷ୍ଠ ଭୂମିକା ଥାଏ ।

**(ଖ) ଜୈବିକ କାରକ :** ଶିଶୁର ଶାରୀରିକ ଗଠନ, ସାଂଗଠନିକ ସୌନ୍ଦର୍ଯ୍ୟ, ଦେହର ଗଢଣ ଇତ୍ୟାଦିର ବୃଦ୍ଧି ଓ ବିକାଶ ତା'ର ଭବିଷ୍ୟତ ଜୀବନକୁ ପ୍ରଭାବିତ କରିଥାଏ । ଏହାକୁ ନିମ୍ନମତେ ପ୍ରତିପାଦିତ କରାଯାଇପାରେ ।

* ଶାରୀରିକ ଦୁର୍ବଳ କିମ୍ବା ଆଭ୍ୟନ୍ତରୀଣ ଅକ୍ଷମତା ଥିବା ଶିଶୁ ଭବିଷ୍ୟତରେ ସାଧାରଣ ଶିଶୁଙ୍କ ଭଳି ସନ୍ତୋଷଜନକ ସଫଳତା ଲାଭ କରିପାରେନାହିଁ । ଶାରୀରିକ ଅକ୍ଷମତା ବା ଦୁର୍ବଳ ଥିବା ଶିଶୁ ସାଧାରଣତଃ ରୋଗରେ ପୀଡ଼ିତ ଥିବାରୁ କେବଳ ଯେ ଶାରୀରିକ ବିକାଶକୁ ପ୍ରତିହତ / ଶାରୀରିକ ବିକାଶରେ ବୃଦ୍ଧି କରେ ତାହାନୁହଁ ଅନ୍ୟାନ୍ୟ ବିକାଶ ଯଥା- ମାନସିକ, ସାମାଜିକ ଏବଂ ଆବେଗିକ ବିକାଶ ପ୍ରଭାବିତ କରିଥାଏ ।
* ସ୍ନାୟବିକ ସଂସ୍ଥାର ଅକ୍ଷମତା,ଦୁର୍ବଳ ଶିଶୁର ବୌଦ୍ଧିକ କ୍ଷମତାର ବୃଦ୍ଧି ଓ ବିକାଶକୁ ପ୍ରତିହତ କରିଥାଏ ।

**(ଗ)** ଅନ୍ତଃସ୍ରାବୀ କିମ୍ବା ନାଳୀବିହୀନ ଗ୍ରନ୍ଥି ପ୍ରତ୍ୟେକ ଶିଶୁର ଜନ୍ମରୁ ବୃଦ୍ଧି ଏବଂ ବିକାଶରେ ଶକ୍ତିଶାଳୀ ପ୍ରଭାବ ପକାଇଥାଏ । ଶାରୀରିକ ଗଠନ ଓ ସଂରଚନା ଏହି ଗ୍ରନ୍ଥିଦ୍ୱାରା ପ୍ରଭାବିତ ହୁଏ । ଏହି ଗ୍ରନ୍ଥିଗୁଡ଼ିକରୁ ନିଜର ସ୍ୱତନ୍ତ୍ର ରାସାୟନିକ ଦ୍ରବ୍ୟ କ୍ଷରଣ ହୁଏ ଯାହାକୁ 'ହରମୋନ' କୁହାଯାଏ । ଏହି ହରମୋନ୍ ଶରୀରର ରକ୍ତରେ ମିଶେ ଏବଂ ଶରୀର ସାରା ସଞ୍ଚାଳନ ହୁଏ । ଏହି ହରମୋନ୍ ଗୁଡ଼ିକ ଶରୀରର ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଭାବିତ କରିଥାନ୍ତି । ଏପରିକି ହରମୋନ୍‌ର ପ୍ରଭାବ ବ୍ୟକ୍ତିର ଆବେଗିକ ଶକ୍ତି, ଚିନ୍ତାଶକ୍ତି ଇତ୍ୟାଦିକୁ ନିୟନ୍ତ୍ରଣ କରିଥାଏ । ତେଣୁ ଏହି ଅନ୍ତଃସ୍ରାବୀ ଗ୍ରନ୍ଥିଗୁଡିକ ବ୍ୟକ୍ତିର ଶାରୀରିକ, ସାମାଜିକ, ମାନସିକ, ଆବେଗିକ ଏବଂ ନୈତିକ ବିଭାଗ ଗୁଡ଼ିକର ବୃଦ୍ଧି ଓ ବିକାଶରେ ସହାୟକ ହୋଇଥାଏ । ଶିଶୁର ସୁସ୍ଥ ବୃଦ୍ଧି ଓ ବିକାଶ ନିମନ୍ତେ ଗ୍ରନ୍ଥିଗୁଡିକର ସ୍ୱାଭାବିକ କାର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ ଅଟେ । ଯଦି ଏହି ଗ୍ରନ୍ଥିଗୁଡ଼ିକ ଶରୀରରେ ଅଧିକ ମାତ୍ରାରେ କାର୍ଯ୍ୟକ୍ଷମ (ଅତ୍ୟଧିକ ସକ୍ରିୟ) କିମ୍ବା କମ୍ ମାତ୍ରାରେ କାର୍ଯ୍ୟକ୍ଷମ ହେଲେ, ଏହା ଶରୀରର ବୃଦ୍ଧି ଓ ବିକାଶରେ ଅସ୍ୱାଭାବିକତା ବା ଅସନ୍ତୁଳନତା ଦେଖାଯାଇଥାଏ ।

**(ଘ) ବୁଦ୍ଧିଶକ୍ତି:** ଶିଶୁ ଶିକ୍ଷଣ ଅର୍ଜନ କରିବା, ସମଯୋଜନ କରିବା ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବା ଇତ୍ୟାଦି ଦକ୍ଷତା ଗୁଡିକ ବୁଦ୍ଧି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଫଳରେ ତାର ସାମାଜିକ ବ୍ୟବହାର, ନୈତିକ ବିଚାର ଏବଂ ଆବେଗାତ୍ମକ ବିକାଶ ପ୍ରଭୃତି ପ୍ରଭାବିତ ହୋଇଥାଏ । ଏକ ବୁଦ୍ଧିମାନ ବ୍ୟକ୍ତିକୁ ନିଜର ଭାବନା ଏବଂ ଆବେଗ ଉପରେ ଉଚିତ୍ ନିୟନ୍ତ୍ରଣ ରଖିବା ଆବଶ୍ୟକ ଏବଂ ନିଜର ବ୍ୟକ୍ତିଗତ ଏବଂ ସାମାଜିକ ସମଯୋଜନ ଆବଶ୍ୟକ । ଏଣୁ ଶିଶୁର ଶାରୀରୀକ, ସାମାଜିକ, ଆବେଗିକ, ନୈତିକ ଏବଂ ଭାଷାଗତ ବିକାଶ ବୁଦ୍ଧି ଦ୍ୱାରା ବହୁଳ ଭାବେ ପ୍ରଭାବିତ ଏବଂ ନିୟନ୍ତ୍ରିତ ହୁଏ ।

**(ଙ) ଆବେଗାତ୍ମକ କାରକ:** ଆବେଗାତ୍ମକ କାରକ ଗୁଡ଼ିକ ଯଥା : ଆବେଗାତ୍ମକ ସମଯୋଜ୍ୟତା ଏବଂ ପରିପକ୍ୱତା, କୌଣସି ବ୍ୟକ୍ତିର ସାମଗ୍ରୀକ ବିକାଶ ଓ ବୃଦ୍ଧିକୁ ପ୍ରଭାବିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଗୋଟିଏ ଶିଶୁ ଯିଏ କି ଅତି ମାତ୍ରାରେ ନକାରାତ୍ମକ ଆବେଗ ଯଥା : ଭୟ, କ୍ରୋଧ, ଇର୍ଷା ଇତ୍ୟାଦି ଦ୍ୱାରା ପ୍ରଭାବିତ ହୁଏ ସେମାନଙ୍କର ଶାରୀରୀକ, ମାନସିକ, ସାମାଜିକ ଏବଂ ନୈତିକ ଓ ଭାଷାଗତ ବିକାଶରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଯଦି ଜଣେ ବ୍ୟକ୍ତି ନିଜର ଆବେଗକୁ ଯଥାର୍ଥ ଭାବେ ନିୟନ୍ତ୍ରଣ

ଟିପ୍ପଣୀ

କରିନପାରେ, ସେହି ବ୍ୟକ୍ତିର ବୃଦ୍ଧି ଓ ବିକାଶ ନିଶ୍ଚିତ ଭାବେ ବ୍ୟାଘାତ ହୁଏ ।

**(ଚ) ସାମାଜିକ ପ୍ରକୃତି :** ଏକ ବ୍ୟକ୍ତିର ସାମାଜିକକରଣ ତାକୁ ବୃଦ୍ଧି ଓ ବିକାଶର ଅନ୍ୟାନ୍ୟ ଦିଗରେ ସମଯୋଜନ ଓ ଉନ୍ନତି ହାସଲ ଦିଗରେ ସାହାଯ୍ୟ କରେ । ବ୍ୟକ୍ତି / ଶିଶୁ ନିଜର ପରିବେଶରୁ ଏବଂ ସମାଜରୁ ବହୁତ କିଛି ଜ୍ଞାନ ଆହରଣ କରିଥାଏ, ଯାହାକୁ ଅବଲମ୍ବନ କରି ଉପଯୁକ୍ତ ବୃଦ୍ଧି ଓ ବିକାଶ ହାସଲ କରିବାରେ ସମର୍ଥ ହୋଇଥାଏ ।

**(୨)ବାହ୍ୟ କାରକ:** ଯେଉଁ କାରକ ଗୁଡ଼ିକ ବ୍ୟକ୍ତିର ବାହ୍ୟ ପରିବେଶରେ ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରିଥାଏ, ତାହାକୁ  ବାହ୍ୟକାରକ କୁହାଯାଏ । ମାତୃଗର୍ଭରେ ଗର୍ଭସଞ୍ଚାର ଠାରୁ ଏହି କାରକ ଗୁଡ଼ିକ ଶିଶୁର ବୃଦ୍ଧି ଓ ବିକାଶକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ । ମାତୃଗର୍ଭସଞ୍ଚାର ପରିବେଶ ସେହି କାରକଗୁଡ଼ିକୁ ନିମ୍ନରେ ଉଲ୍ଲେଖ କରାଯାଇଛି ।

**(କ) ମାତୃଗର୍ଭାବସ୍ଥାର ପରିବେଶ**

ଗର୍ଭାବସ୍ଥାର ପରିବେଶ ଶିଶୁର ବୃଦ୍ଧି ଓ ବିକାଶକୁ ବହୁଳ ମାତ୍ରାରେ ପ୍ରଭାବିତ କରିଥାଏ । ସେଗୁଡ଼ିକ ହେଲା :

(୧) ଗର୍ଭାବସ୍ଥାରେ ମା'ର ଶାରୀରିକ  ଓ ମାନସିକ ସ୍ୱାସ୍ଥ୍ୟ ।

(୨) ଏକ ବା ଏକାଧିକ ଶିଶୁଙ୍କର ମାତୃଗର୍ଭରେ ପୋଷଣ ।

(୩)  ମାତୃଗର୍ଭରେ ଭ୍ରୁଣ ଗ୍ରହଣ କରୁଥିବା ଗୁଣାତ୍ମକ ଓ ପରିମାଣାତ୍ମକ ପୁଷ୍ଟିକର ଖାଦ୍ୟ ।

(୪)  କ୍ଷତିକାର ବିକିରଣ ବା ରଶ୍ମିଦ୍ୱାରା ଭ୍ରୁଣ ସମ୍ମୁଖୀନ ହେବା ।

(୫) ସାଧାରଣ ବା ଅସ୍ୱାଭାବିକ ପ୍ରସବ ।

(୬) ମାତୃଗର୍ଭରେ ଶିଶୁର କୌଣସି କ୍ଷତି ବା ଅଘଟଣ ।

**(ଖ)ଜନ୍ମ ପରବର୍ତ୍ତୀ ପରିବେଶ :**

ଶିଶୁ ଜନ୍ମର ପରବର୍ତ୍ତୀ ସମୟରେ ପରିବେଶ ତା'ର ବୃଦ୍ଧି ଓ ବିକାଶକୁ ବହୁଳ ମାତ୍ରାରେ ପ୍ରଭାବିତ କରିଥାଏ । ଏଗୁଡ଼ିକ ନିମ୍ନଭାଗରେ ବର୍ଣ୍ଣନା କରାଗଲା ।

**(i) ଘଟଣା ଓ ଦୁର୍ଘଟଣା :**

ଜୀବନରେ ଆସୁଥିବା ଭଲ ମନ୍ଦ ଘଟଣା ଏବଂ ଦୁର୍ଘଟଣା ବ୍ୟକ୍ତିର ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରିଥାଏ । ବେଳେବେଳେ, ଗୋଟିଏ ଛୋଟ ଦୁର୍ଘଟଣା ବା କ୍ଷତ ଜୀବନରେ ସଂପୂର୍ଣ୍ଣ ବିକାଶର ଗତିପଥକୁ ବଦଳାଇ ଥାଏ । ଉ:ସୂ - ଯଦି ଗୋଟିଏ ପିଲା / ଶିଶୁର ସ୍ନାୟବିକ ବ୍ୟବସ୍ଥା କୌଣସି ଦୁର୍ଘଟଣା ଦ୍ୱାରା ନଷ୍ଟ ହୁଏ ତେବେ ତାହାର ମାନସିକ ବିକାଶ ବ୍ୟାହତ ହୁଏ । ଫଳରେ ଏହା ଶିଶୁର  ସାମାଜିକ, ଆବେଗିକ, ନୈତିକ ଏବଂ ଶାରୀରୀକ ବିକାଶକୁ ପ୍ରଭାବିତ କରିଥାଏ ।

**(ii) ଭୌତିକ ପରିବେଶ:**

ଡାକ୍ତରୀ ଯତ୍ନ ଓ ସୁବିଧା : ଶିଶୁର ବୃଦ୍ଧି ଓ ବିକାଶ ଭୌତିକ ପରିବେଶ, ଡାକ୍ତରୀ ଯତ୍ନ ଓ ସୁବିଧା ଏବଂ ପୃଷ୍ଟିକର ଖାଦ୍ୟ ଇତ୍ୟାଦି ଉପରେ ନିର୍ଭର କରେ । ତେଣୁ ଉପଯୁକ୍ତ ଯତ୍ନ , ସୁଷମ ଖାଦ୍ୟ, ସୁସ୍ଥ ଜୀବନଯାପନ ଏବଂ ଡାକ୍ତରୀ ଯତ୍ନ ଓ ସୁବିଧା ଶିଶୁର ବୃଦ୍ଧି ଓ ବିକାଶକୁ ସଠିକ୍ ଭାବରେ ମାର୍ଗୀକରଣ କରିଥାଏ ।

**(iii) ଶିଶୁ ଯେଉଁ ପରିବେଶରେ ବଢେ:**

ସେହିପରି ପରିବେଶର ପ୍ରଭାବ ତା'ର ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ । ସାମାଜିକ ଓ ସାଂସ୍କୃତିକ ପରିବେଶର ଶକ୍ତିଶାଳୀ ଭୂମିକା ଜୀବନର ଗତିପଥରେ ପ୍ରଭାବ ପକାଇଥାଏ । ନିମ୍ନରେ କେତେକ ବ୍ୟବସ୍ଥା ଦିଆଯାଇଛି -

- ପରିବାର ଓ ପିତାମାତାଙ୍କର ଯତ୍ନ
- ପିତାମାତା ଏବଂ ପରିବାରର ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥା
- ପରିବେଶ ଓ ପାରିପାର୍ଶ୍ୱିକ ଅବସ୍ଥା
- ଗୁଣାତ୍ମକ ବିଦ୍ୟାଳୟ ପରିବେଶ
- ସାଙ୍ଗସାଥୀ ଓ ସହପାଠୀମାନଙ୍କର ସହଚର୍ଯ୍ୟ
- ଶିଶୁକୁ ବସବାସ କରୁଥିବା ପରିବାରର ଯତ୍ନ ଓ ଜାତି,ଧର୍ମ ଓ ଜାତିୟତା ଦୃଷ୍ଟିରୁ ମିଳୁଥିବା ସୁବିଧା ସୁଯୋଗ ।
- ଶିଶୁକୁ ମିଳୁଥିବା ସାମାଜିକ, ନ୍ୟାୟିକ ବ୍ୟବସ୍ଥା ।
- ଶିଶୁକୁ ଉପଲବ୍ଧ ହେଉଥିବା ଦେଶର ନ୍ୟାୟିକ ବ୍ୟବସ୍ଥା ।
- ଶିଶୁକୁ ଉପଲବ୍ଧ ହେଉଥିବା ଶୈକ୍ଷିକ ଓ ବୃଦ୍ଧିଗତ ସୁବିଧା ସୁଯୋଗ ।

**ନିଜର ଅଗ୍ରଗତି ଆକଳନ କର - ୬**

- **ଶିଶୁର ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା ଯେକୌଣସି ୨ଟି କାରକ ବିଷୟରେ ବର୍ଣ୍ଣନା କର । (୭୫ ଟି ଶବ୍ଦରେ)**

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

...................................................................

**୧.୬: ବୃଦ୍ଧି ଓ ବିକାଶର ପର୍ଯ୍ୟାୟ**

ବୃଦ୍ଧି ଓ ବିକାଶର ବିଭିନ୍ନ ପର୍ଯ୍ୟାୟକୁ ୨ଟି ଉପଅଧ୍ୟାୟରେ ଅଲୋଚନା କରାଯାଇଛି । ଗୋଟିଏ ହେଉଛି କୌଶଳ ଏବଂ ଏହାର ପ୍ରୟୋଗ ଓ ଅନ୍ୟଟି ହେଉଛି ସେଗୁଡିକର ଶିକ୍ଷଣ ଓ ଶିକ୍ଷାଦାନରେ ପ୍ରୟୋଗ ।

୧.୬.୧: ଶୈଶବାବସ୍ଥାରୁ ବାଲ୍ୟକାଳ ପର୍ଯ୍ୟନ୍ତ ବୃଦ୍ଧିର ପର୍ଯ୍ୟାୟ ଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା । ବିକାଶର ମୁଖ୍ୟ ପର୍ଯ୍ୟାୟ ନିମ୍ନରେ ବର୍ଣ୍ଣିତ -

(କ) ଜନ୍ମରୁ ୨ ବର୍ଷ : ଶୈଶବାବସ୍ଥା

(ଖ) ୨ ବର୍ଷରୁ ୬ ବର୍ଷ : ଆଦ୍ୟ ବାଲ୍ୟାବସ୍ଥା

(ଗ) ୬ରୁ ୧୨ ବର୍ଷ -ଶେଷ ବାଲ୍ୟାବସ୍ଥା

(ଘ) ୧୨ ରୁ ୧୯ ବର୍ଷ - କୈଶୋରାବସ୍ଥା

ନିମ୍ନରେ ବିଭିନ୍ନ ପର୍ଯ୍ୟାୟ ଗୁଡ଼ିକୁ ଆଲୋଚନା କରାଯାଇଛି ।

**(କ) ଶୈଶବାବସ୍ଥା : ଜନ୍ମରୁ ୨ ବର୍ଷ**

**ଶାରୀରିକ ବିକାଶ:**

ଶୈଶବାବସ୍ଥାରେ ଶିଶୁର ଦ୍ରୁତତମ ବିକାଶ ଘଟିଥାଏ । ଜନ୍ମ ହେବାର ପ୍ରଥମ ବର୍ଷରେ ତା'ର ଶାରୀରିକ ଗଠନ

ଟିପ୍ପଣୀ

ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗେ । ଶରୀରର ବାହ୍ୟ ଅଙ୍ଗପ୍ରତ୍ୟଙ୍ଗର ବୃଦ୍ଧି ସହିତ ଶିଶୁର ମାଂସପେଶୀ ଓ ଶକ୍ତିର ଦ୍ରୁତ ଅଭିବୃଦ୍ଧି ଘଟିଥାଏ । ଶିଶୁ ତା'ର ଇନ୍ଦ୍ରିୟ ଗୁଡ଼ିକୁ ଉପଯୋଗକରିତା ତା'ର ଚତୁଃପାର୍ଶ୍ୱ ସହିତ ଆଦାନପ୍ରଦାନ କରିବାପାଇଁ ସମର୍ଥ ହୁଏ ଏବଂ ଶରୀରିକ ଶକ୍ତିର ପୂର୍ଣ୍ଣାଙ୍ଗ ବିକଶିତ ହୁଏ । ଫଳରେ ସେ ଶାରୀରିକ କାର୍ଯ୍ୟ ଇତ୍ୟାଦି ଏବଂ ଚଳନଶକ୍ତି ଯଥା - ପେଟେଇବା, ଗୁରୁଣ୍ଡିବା, ଠିଆହେବା, ଢଳି-ଢଳି ଚାଲିବା, ଦୌଡ଼ିବା, ଲମ୍ଫଡିଆଁ ମାରିବା ଓ ଏକପାଦରେ ଡେଇଁବା ଆରମ୍ଭ କରିଥାଏ । ବିକାଶର ଅଗ୍ରଗତି ଓ ଇନ୍ଦ୍ରିୟଗୁଡ଼ିକ କାର୍ଯ୍ୟକ୍ଷମ ହେବା ସହିତ ଶାରୀରିକ କାର୍ଯ୍ୟ ଦକ୍ଷତା ବୃଦ୍ଧିଯୋଗୁଁ ବସିବା, ଚାଲିବା ଇତ୍ୟାଦି ଶିଖିଥାଏ । ମୁଣ୍ଡ ଉପରକୁ ଟେକିବା, ଠେଲିବା, ଟେକିବା ଇତ୍ୟାଦି କାର୍ଯ୍ୟ ଶିଶୁର ୨ରୁ ୩ ମାସ ମଧ୍ୟରେ ହୋଇଥାଏ । ୪ ମାସ ହେବାବେଳକୁ ଶିଶୁଟି ଗଡ଼ିବା ଏବଂ ୬ମାସ ବେଳକୁ ଶିଶୁଟି ବିନା ସହାୟତାରେ ବସିପାରେ । ଗୁରୁଣ୍ଡିବା ୭ରୁ ୧୦ ମାସ ମଧ୍ୟରେ ଏବଂ ବେଳେବେଳେ ୧୦ ମାସ ପରେ ଶିଶୁଟି ଶିଖିଥାଏ । ଜନ୍ମ ପରେ ପରେ ଶିଶୁର ବେକର ମାଂସପେଶୀ ଶକ୍ତ ହୋଇନଥାଏ । କୌଣସି ଶାରୀରିକ କୌଶଳରେ ଦକ୍ଷ ହେବା ପୂର୍ବରୁ ତା'ର ମୁଣ୍ଡକୁ ଟେକିବା ଏବଂ ଦୃଢ଼ ହେବାରେ ସମର୍ଥ ହୁଏ । ବାହୁ ଏବଂ ଗୋଡ଼ର ବିକାଶ ବେଳେବେଳେ ସ୍ୱାଭାବିକ ଭାବରେ / ଢଙ୍ଗରେ ଘଟିଥାଏ । ଫଳରେ ହସ୍ତପ୍ରସାରିତ କରିବା, ଅଙ୍ଗପ୍ରତ୍ୟଙ୍ଗ ସାହାଯ୍ୟରେ ଠେଲିବା ଇତ୍ୟାଦି କାର୍ଯ୍ୟ କରିଥାଏ । ଶିଶୁଟି ୪ - ୫ ମାସ ବେଳକୁ ଖେଳଣା ଇତ୍ୟାଦି ସକ୍ଷମହୁଏ ଧରିବାରେ । ଶିଶୁଟି ୯ରୁ ୧୨ମାସ ମଧ୍ୟରେ ଯେକୌଣସି ବସ୍ତୁକୁ ୨ଟି ଆଙ୍ଗୁଳିରେ ଧରିବା ଶିଖିଥାଏ, ପରେ ପୁରାହାତରେ ଧରିବା ଶିଖେ । ଜନ୍ମର ୨ ବର୍ଷ ବେଳକୁ ଶିଶୁଟି ଅଧିକ ବେଗରେ ଓ ସକ୍ରିୟଭାବେ ଚାଲିଶିଖେ । ୧୫ ମାସ ବେଳକୁ ଶିଶୁଟି ସିଡି ପାହାଚ ଚଢିବା, ଉଚ୍ଚଚୌକି ଉପରକୁ ଉଠିବା ଓ ଉଚ୍ଚ ସ୍ଥାନକୁ ଚଢିବା ଆରମ୍ଭ କରେ । ମାତ୍ର, ଥରେ ଚଢିଗଲେ ସେମାନେ ତଳକୁ ଓହ୍ଲାଇବାରେ ସକ୍ଷମ ହୁଅନ୍ତି ନାହିଁ । ୧୮ ମାସ ବେଳକୁ ଶିଶୁଟି ଶରୀରର ଭାରସାମ୍ୟ ରଖିବାରେ ସମର୍ଥ ହୁଏ ଓ ସେ ସହଜରେ ନିଜ ପାଦରେ ଆଗକୁ, ପଛକୁ ଚାଲିବା, ଏପାଖ ସେପାଖ ଚାଲିବା, ଘୁରିବା ଏବଂ ଏପରିକି ଦୌଡ଼ିବା ଇତ୍ୟାଦି ଶାରୀରିକ କାର୍ଯ୍ୟସଂପାଦନରେ ସଫଳ ହୋଇଥାଏ ।

୨ୟ ବର୍ଷ ଶେଷ ଆଡ଼କୁ, ଶିଶୁଟି ଜଟିଳ ଶାରୀରିକ କାର୍ଯ୍ୟ ଯଥା ବସ୍ତୁକୁ ବହୁଦୂର ଫିଙ୍ଗିବା, ଗୋଇଠା ମାରିବା ଇତ୍ୟାଦି ଦକ୍ଷତାର ବୃଦ୍ଧି ହୁଏ । ୨୪ ମାସରେ ଶିଶୁଟି ଡ଼େଇଁବା, ଗୋଟିଏ ଗୋଡ଼ରେ ଠିଆ ହେବା, ସାଇକେଲ ପେଡ଼ାଲ ମାରିବା ଇତ୍ୟାଦି କାର୍ଯ୍ୟକରେ । ୨ବର୍ଷ ଶେଷ ଆଡ଼କୁ ଶିଶୁଟି ସହଜରେ, ଦ୍ରୁତଗତିରେ ଚାଲିବା ଏବଂ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଦୌଡ଼ିବା ଇତ୍ୟାଦି ଦକ୍ଷତା ହାସଲ କରେ ।

**ଭଷାର ବିକାଶ:**

ଜନ୍ମ ପରେ ପରେ ଶିଶୁମାନେ କ୍ରନ୍ଦନ ଦ୍ୱାରା ନିଜର ଭାବନା ଓ ଆବଶ୍ୟକତାକୁ ଅନ୍ୟକୁ ଜଣାଇଥାନ୍ତି । ସାଧାରଣତଃ ଯେତେବେଳେ ଶିଶୁ ଭୋକିଲା, କ୍ଳାନ୍ତ, ଅସହଜ, ଯନ୍ତ୍ରଣା / କଷ୍ଟ, ନ୍ୟାପକିନ୍ ମଇଳା ହେବା ଇତ୍ୟାଦି ଅନୁଭବ କରେ, ସେତେବେଳେ ସେ କାନ୍ଦି ଅନ୍ୟର ଦୃଷ୍ଟି ଆକର୍ଷଣ କରିଥାଏ । ଯାହାହେଉ, ଶିଶୁଟି ଜନ୍ମରୁ କଥାକହିବା ଶିଖିଥାଏ । ତାକୁ ଯତ୍ନ ନେଉଥିବା ବ୍ୟକ୍ତିର କଥାକୁ ଶୁଣିବା ଓ ସେହିପରି ଅନୁସରଣ କରିବାକୁ ଚେଷ୍ଟା କରିଥାଏ । ୨ ରୁ ୩ ମାସ ମଧ୍ୟରେ ଶିଶୁ 'କୁ', 'ଗୁ',ପ୍ରଭୃତି ଅସ୍ପଷ୍ଟ ଶବ୍ଦ ଉଚ୍ଚାରଣ କରି ନିଜର ଖୁସି ଓ ଉତ୍ତେଜନା ପ୍ରକାଶ କରନ୍ତି । ୩ ରୁ ୪ ମାସ ମଧ୍ୟରେ ଶିଶୁମାନେ ଅଧିକ ସ୍ୱର ଧ୍ୱନି ଏବଂ ବ୍ୟଞ୍ଜନ ଧ୍ୱନି ଯଥା: ବ,କ, ମ,ଗ,ଏବଂ ଘ ଇତ୍ୟାଦି କରିବା ଆରମ୍ଭ କରିଥାଏ । ୪ ମାସ ବେଳକୁ ଶିଶୁଟି

ସ୍ୱର ଓ ବ୍ୟଞ୍ଜନ ଧ୍ୱନିଯୁକ୍ତ ଅସ୍ପଷ୍ଟ ଓ ଅର୍ଥହୀନ ଶବ୍ଦ ଯଥା: ଗାଗା, ଆଫା, ନାନା ଇତ୍ୟାଦି କହିବା ଆରମ୍ଭକରେ । ୫ ରୁ ୬ ମାସ ଶିଶୁଟି ଅସ୍ପଷ୍ଟ ଶବ୍ଦ କହିବା, ଗୁଣୁଗୁଣ ହେବା, ଅନ୍ୟର କଥା ଓ ଶବ୍ଦକୁ ଅନୁକରଣ କରିଥାଏ । ୭ ମାସ ବେଳକୁ ଶିଶୁ ଅନ୍ୟର କଥା ବା ଶବ୍ଦ ଶୁଣି କହିବା ଆରମ୍ଭ କରିଥାଏ ।  ସେହି ସମୟରେ ମଧ୍ୟ ଶିଶୁ ବିଭିନ୍ନ ଶବ୍ଦ, ସ୍ୱର ଏବଂ ପଶୁପକ୍ଷୀଙ୍କର ସ୍ୱର ଯଥାଃ 'ମିଉ', 'ଭୋ - ଭୋ' ଇତ୍ୟାଦି ଶବ୍ଦକୁ ଅନୁକରଣ କରିଥାଏ । ୮ ମାସ ବେଳକୁ ଶିଶୁ ପରିବାରର ସଦସ୍ୟ ମାନଙ୍କ କଥାଶୁଣି କହିବା ଆରମ୍ଭ କରିଥାଏ । ୯ - ୧୨ ମଧ୍ୟରେ ଶିଶୁ 'ମା', 'ପା', ବାପା ଇତ୍ୟାଦି କହିବା ଆରମ୍ଭ କରିଥାଏ । ଏହି ବୟସରେ ଶିଶୁ ଧିରେ ଧିରେ ଛୋଟଛୋଟ ଶବ୍ଦ କହିବା ଆରମ୍ଭ କରିଥାଏ । ୧୨ ମାସ ବେଳକୁ କେତେକ ଶିଶୁ ୨ - ୩ଟି ଶବ୍ଦ କହିବା ଆରମ୍ଭ କରେ । ୧୮ ରୁ ୨୪ ମାସ ବେଳକୁ ଶିଶୁ ଛୋଟଛୋଟ ଶବ୍ଦ ବିଶିଷ୍ଟ ଖଣ୍ଡ ବାକ୍ୟ କହିବା ଆରମ୍ଭ କରିଥାଏ । ୨୦ ମାସ ବେଳକୁ ଶିଶୁ ୫୦ ଶବ୍ଦ ଏବଂ ୨୪ ମାସ ବେଳକୁ ୧୦୦ଟି ଶବ୍ଦ ଜାଣିଥାଏ ।

**ବୌଦ୍ଧିକ ବିକାଶ:**

ଶିଶୁ ଜନ୍ମର ପ୍ରଥମ ୨ବର୍ଷରେ କେବଳ ଯେ ଶାରୀରିକ ବିକାଶ ହୁଏ ତାହା ନୁହେଁ, ବୌଦ୍ଧିକ / ମାନସିକ ବିକାଶ  ମଧ୍ୟ ହୋଇଥାଏ । ଶାରୀରିକ ବୃଦ୍ଧି ଏବଂ ପରିବର୍ତ୍ତନ କୁ ସହଜରେ ପରୀକ୍ଷଣ କରିବା ଓ ପରିମାଣ ନିର୍ଦ୍ଧାରଣ କରବା ସହଜ ଅଟେ । ମାତ୍ର, ବୌଦ୍ଧିକ ବିକାଶକୁ ପରିମାପ କରିବା କଷ୍ଟକର ଅଟେ । ଏଣୁ ବୌଦ୍ଧିକ  / ମାନସିକ ବିକାଶ ବିଷୟରେ ବିଭିନ୍ନ ମନୋବିଜ୍ଞାନୀ ମାନେ ଅନେକ ଗବେଷଣା କରି ବିଭିନ୍ନ ମତ ପ୍ରଦାନ କରିଛନ୍ତି । ତତ୍ ମଧ୍ୟରୁ ଜ୍ୟାଁ ପିଆଜେ ଙ୍କ ବୌଦ୍ଧିକ ବିକାଶର ତତ୍ତ୍ୱ ଏବଂ ଏରିକ୍ସନ୍‌ଙ୍କ ମନୋ-ସାମାଜିକ ସୋପାନ ଅନ୍ୟତମ । ଜ୍ୟାଁ ପିଆଜେଙ୍କ ମତରେ, ସଦ୍ୟଜାତ ଶିଶୁ ନିଜର ପରିବେଶ ସହିତ ପ୍ରତିଫଳନ ଆଚରଣ ଦ୍ୱାରା ସ୍ୱର ଆଦାନ ପ୍ରଦାନ କରେ । ସେମାନେ କ'ଣ କରନ୍ତି, ତାହା ଚିନ୍ତା କରିପାରନ୍ତି ନାହିଁ ମାତ୍ର, ସେମାନେ ସେମାନଙ୍କର ସହଜାତ ପ୍ରବୃତ୍ତି ଏବଂ ଅନିଚ୍ଛକୃତ ପ୍ରତିକ୍ରିୟା ପ୍ରକାଶ କରି ନିଜର ଆବଶ୍ୟକତା, ଯଥା - ଖାଦ୍ୟ, ବାୟୁ ଏବଂ ଅନ୍ୟାନ୍ୟ ପଦାର୍ଥ ପ୍ରତି ଦୃଷ୍ଟି ଆକର୍ଷଣ ଇତ୍ୟାଦି କରିଥାନ୍ତି । ପିଆଜେଙ୍କ ମତରେ ଶିଶୁଟି ଯେତେବେଳେ ବଡ଼ ହୁଏ ସେତେବେଳେ ତା'ର ଇନ୍ଦ୍ରିୟ ମାଧ୍ୟମରେ ବିଭିନ୍ନ ଲକ୍ଷ୍ୟ ଭିତ୍ତିକ ବ୍ୟବହାର ଓ ଉଦ୍ଦେଶ୍ୟରେ ହାସଲ କରିଥାଏ । ଏହି ପର୍ଯ୍ୟାୟରେ ଶିଶୁର ବୌଦ୍ଧିକ ବିକାଶ ତା'ର ଇନ୍ଦ୍ରିୟାନୁଭୂତି(ଦେଖିବା, ଶୁଣିବା, ଚାଖିବା, ଶୁଙ୍ଘିବା ଓ ଛୁଇଁବା ଇତ୍ୟାଦି) ଉପରେ ପର୍ଯ୍ୟବେସିତ । ଏହି ପର୍ଯ୍ୟାୟରେ ଶିଶୁ ବସ୍ତୁର ସ୍ଥାୟିତ୍ୱ ବିଷୟରେ ଜାଣିବା ଆରମ୍ଭ କରିଥାଏ । ଏହି ଦୁଇଟି ମୁଖ୍ୟ କ୍ରିୟା ଯଥା- ଲକ୍ଷ୍ୟ ପ୍ରଣୋଦିତ ବ୍ୟବହାର ଏବଂ ବସ୍ତୁର ସ୍ଥାୟିତ୍ୱ ଇତ୍ୟାଦି ବୌଦ୍ଧିକ ବିକାଶ ହୋଇଥାଏ ।

**ଆବେଗିକ / ସାମାଜିକ ବିକାଶ**

ଜୀବନର କୌଣସି ବିଷୟରେ ଜାଣିବା ପାଇଁ ଶିଶୁ କୌତୁହଳି ହେବା, ଯନ୍ତ୍ରଣା / କ୍ଳେଶ / ବରକ୍ତି ଓ ଖୁସି / ଆନନ୍ଦ ଅନୁଭବ କରିବା, ଇତ୍ୟାଦିକୁ ମୁହଁର ଅଭିବ୍ୟକ୍ତି ଓ ଶରୀରର ଅଙ୍ଗଭଙ୍ଗୀର ଦ୍ୱାରା ପରିପ୍ରକାଶ କରିଥାଏ । ୨ - ୩ ମାସ ବେଳକୁ ଶିଶୁ ସ୍ୱତଃସ୍ଫୁର୍ତ୍ତ ଭାବେ ମୁହଁରେ ହସଭଙ୍ଗୀ ପ୍ରକାଶ କରିଥାଏ, ଏବଂ ୪ ମାସ ବେଳକୁ ସ୍ୱତଃସ୍ଫୁର୍ତ୍ତ ଭାବେ ଜୋର୍‌ରେ ହସିବା ଆରମ୍ଭ କରିଥାଏ । ଏହା ବ୍ୟତୀତ ୨ ରୁ ୬ ମାସ ମଧ୍ୟରେ ଶିଶୁ ଅନ୍ୟାନ୍ୟ ଆବେଗ ଯଥା - ରାଗିବା, ଦୁଃଖ ଅନୁଭବ କରିବା,ଆଶ୍ଚର୍ଯ୍ୟ ଭୟଭୀତ ହେବା ଇତ୍ୟାଦି ପ୍ରକାଶ କରିଥାଏ । ୫ ରୁ ୬ ମାସ ମଧ୍ୟରେ ଶିଶୁ ଅଜଣା ବ୍ୟକ୍ତିଙ୍କ ପ୍ରତି ଉତ୍କଣ୍ଠା ବା ବ୍ୟଗ୍ରତା ପ୍ରକାଶ କରିଥାଏ । ୬ ମାସ ଶେଷ ଆଡକୁ ଶିଶୁ ଅନ୍ୟର ଆବେଗ ଏବଂ ଅଭିବ୍ୟକ୍ତିକୁ ଦେଖି ଅନୁକରଣ କରିଥାଏ । ୮ ରୁ ୧୦

ଟିପ୍ପଣୀ

ମାସ ବେଳକୁ ଶିଶୁ ନିଜର ଅତିପ୍ରିୟ / ଆପଣାର ଲୋକ ତା'ଠାରୁ ଦୂରେଇଗଲେ କାନ୍ଦିଥାଏ କିମ୍ବା ବ୍ୟଗ୍ରତା ପ୍ରକାଶ କରିଥାଏ । ୯ ମାସ ବେଳକୁ ଶିଶୁ ନିଜର ଦୁଃଖ, ବିରକ୍ତି ଓ ଅସନ୍ତୋଷତା ପ୍ରଥମେ ଭ୍ରୂକୁଞ୍ଚନ ମାଧ୍ୟମରେ ମୁଖଭଙ୍ଗୀ ପ୍ରକାଶ କରିଥାଏ । ୯ - ୧୦ ମାସ ମଧ୍ୟରେ ଶିଶୁ ଅଧିକ ମାତ୍ରାରେ ଭାବପ୍ରବଣତା ହୁଏ । ସେ ଅତିଶୀଘ୍ର ଖୁସିହେବା ଓ ଅତିଶୀଘ୍ର ରାଗିବା / ଦୁଃଖ ଅନୁଭବ କରିବା / ହତାଶା ଇତ୍ୟାଦି ହୋଇଥାଏ । ୧୧ ମାସ ବେଳକୁ ଶିଶୁର ଭାବ / ଆବେଗକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନହୋଇ ଅତିଶୟ ଭାବାବେଗ ଦ୍ୱାରା ନିଜର ଅସ୍ଥିରତା / ଅସମାନତା ଇତ୍ୟାଦି ପ୍ରକାଶ କରିଥାଏ । ଶିଶୁ ଅନ୍ୟର ଆବେଗକୁ ବୁଝିବାରେ ଧୀରେ ଧୀରେ ସକ୍ଷମ ହୁଏ । ୧୨ ମାସ ବେଳକୁ ଶିଶୁ କେବଳ ଯେ ଅନ୍ୟ ବ୍ୟକ୍ତିର ଆବେଗକୁ ବୁଝିବାରେ ସକ୍ଷମ ହୁଏ ନାହିଁ, ସେ ମଧ୍ୟ ନିଜର ଆବେଗକୁ ବୁଝିବାରେ ସକ୍ଷମ ହୁଏ । ଏହି ସମୟରେ ଶିଶୁ ଇର୍ଷାପରାୟଣ ପ୍ରଦର୍ଶନ କରିଥାଏ । ୨ ବର୍ଷ ଶେଷ ଆଡ଼କୁ ଶିଶୁର ଆବେଗ / ଭାବ ପ୍ରବଣତା ବିକଶିତ ହୁଏ । ଫଳରେ କ୍ଳେଶ, ଆନନ୍ଦ, ଭୟ, ବିରକ୍ତି, କ୍ରୋଧ, ଅନୁରାଗ, ସ୍ନେହ, ପ୍ରେମ, ଈର୍ଷା, ମମତା ପ୍ରଭୃତି ଆବେଗ ଗୁଡ଼ିକ ଦେଖାଯାଏ । ଶିଶୁକୁ ରଗେଇବା, କନ୍ଦେଇବା, ଡରେଇବା ବା ହସେଇବା ସହଜ ହୋଇଥାଏ । ୧୫ - ୧୮ ମାସ ବେଳକୁ ସେମାନେ ସହଜରେ ଭୟଭୀତ ହେବା, ହତୋତ୍ସାହିତ ହେବା ଏବଂ ରାଗରେ ଜିନିଷ ଫୋପାଡ଼ିବା ଇତ୍ୟାଦି ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ୨୧ ମାସ ବେଳକୁ ଶିଶୁ କମ୍ ଭୟଭୀତ ହେବା ଏବଂ ନିଜ ଆବେଗକୁ ନିୟନ୍ତ୍ରଣ କରିବାରେ ସଫଳ ହୁଅନ୍ତି । ୨ବର୍ଷ ବେଳକୁ ଶିଶୁ ନିଜର ଆବେଗକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଅନ୍ତି । ସତ କହିବାକୁ ଗଲେ, ଏହି ବୟସରେ ଶିଶୁ ନିଜର ଇଚ୍ଛାକୁ ପୂରଣ ନିମନ୍ତେ ମିଛ ଆବେଗ ପ୍ରଦର୍ଶନ କରିଥାଏ ।

### (ଖ) ଆଦ୍ୟ ବାଲ୍ୟାବସ୍ଥା ( ୨ ବର୍ଷରୁ ୬ ବର୍ଷ)

### ୧. ଶାରୀରୀକ ବିକାଶ

ଆଦ୍ୟ ବାଲ୍ୟାବସ୍ଥାରେ ଶାରୀରିକ ବିକାଶ ଶୈଶବାବସ୍ଥା ଠାରୁ ଧୀର ହୋଇଥାଏ । ଶରୀର ତୁଳନାରେ ଶିଶୁର ଗୋଡ଼ର ବୃଦ୍ଧି ଅତିଶୀଘ୍ର ହୁଏ । ଗୋଡ ତୁଳନାରେ ମୁଣ୍ଡର ବୃଦ୍ଧି ମନ୍ଥର ଗତିରେ ହୋଇଥାଏ । ସାଧାରଣତଃ ୩ ବର୍ଷ ବାଳକର ଓଜନ ୩୩ ପାଉଣ୍ଡ ଏବଂ ଉଚ୍ଚତା ୩୮ ଇଞ୍ଚ ହୋଇଥାଏ । ଏହି ତୁଳନାରେ ସମବୟସ୍କ ବାଳିକାର ଓଜନ ଓ ଉଚ୍ଚତା ସାମାନ୍ୟ କମ୍ ହୋଇଥାଏ । ପ୍ରାୟ ୫ ବର୍ଷ ବେଳକୁ ବାଳକମାନଙ୍କ ଉଚ୍ଚତା ହାରାହାରି ୪୩ ଇଞ୍ଚ ଏବଂ ହାରାହାରି ଓଜନ ୪୩ ପାଉଣ୍ଡ ହୋଇଥାଏ । ଶିଶୁର ଉଚ୍ଚତା ଏବଂ ଓଜନ କେତେକ କାରକ ଦ୍ୱାରା ପ୍ରଭାବିତ ହୋଇଥାଏ ଯଥା: ପିତାମାତାଙ୍କର ଉଚ୍ଚତା, ପୁଷ୍ଟିକର ଖାଦ୍ୟ, ଅସୁସ୍ଥତା ଇତ୍ୟାଦି । ଅଧିକନ୍ତୁ, ଆକାର ଓ ଉଚ୍ଚତା ବୃଦ୍ଧି ସହିତ ଶିଶୁର ଅନ୍ୟାନ୍ୟ ଶାରୀରିକ ଏବଂ ଶରୀର ତତ୍ତ୍ୱ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଏ । ଶିଶୁର ମାଂସପେଶୀ ଅତିଦ୍ରୁତ ଗତିରେ ବିକଶିତ ହୁଏ । ବୃହତ ମାଂସପେଶୀ ଗୁଡ଼ିକ କ୍ଷୁଦ୍ର ମାଂସପେଶୀ ତୁଳନାରେ ଅତି ଦ୍ରୁତ ଗତିରେ ବିକାଶିତ ହୋଇଥାଏ । ଶିଶୁର ବ୍ରେନ୍ / ମସ୍ତିଷ୍କର ବିକାଶ ଓଜନ ତୁଳନାରେ ୯୦% ହୁଏ । ମସ୍ତିଷ୍କର ସୂକ୍ଷ୍ମ ଜାଲିକା ଗୁଡ଼ିକ ଏହି ସମୟରେ ଦ୍ରୁତ ଗତିରେ ପୂର୍ଣ୍ଣ ବିକଶିତ ହୋଇଥାଏ ।

### ୨. ଇନ୍ଦ୍ରିୟଗତ ବିକାଶ

ଶିଶୁର ଆଦ୍ୟ ବାଲ୍ୟାବସ୍ଥାରେ ବିଭିନ୍ନ ମାଂସପେଶୀୟ କୌଶଳର ବିକାଶ ହୁଏ । ଏହି ସମୟରେ ଶିଶୁଟି ନିଜର କାର୍ଯ୍ୟ ନିଜେ କରିବାକୁ ସକ୍ଷମ ହୋଇଥାଏ । ଯେପରି - ନିଜ ହାତରେ ନିଜେ ଖାଇବା, ନିଜେ

ପୋଷାକ ପିନ୍ଧିବା, ଗାଧୋଇବା, ନିଜ ମୁଣ୍ଡ କୁଣ୍ଡାଇବା, ଖେଳନା ଖେଳିବା, ପେନସିଲ୍ ଧରିବା, ଡ଼େଇଁବା ଇତ୍ୟାଦି କାର୍ଯ୍ୟ ୫ - ୬ ବର୍ଷ ବୟସରେ ଶିଶୁ କରିଥାଏ । ଇନ୍ଦ୍ରିୟଗତ ବିକାଶର ସାଧାରଣ ମାନ ୨ ବର୍ଷରୁ ୫ ବର୍ଷ ବୟସର ପିଲାଙ୍କ ପାଇଁ ନିମ୍ନ ସାରଣୀରେ ଦିଆଯାଇଛି ।

ବିକାଶର ମାନକ

| ମାଂସପେଶୀୟ କୌଶଳ | ୨ବର୍ଷ | ୩ବର୍ଷ | ୪ -୫ ବର୍ଷ |
|---|---|---|---|
| ବିକାଶ | ବିନା ସାହାଯ୍ୟରେ ଚାଲିବା, ଡେଇଁବା ଓ ଦୌଡ଼ିବା | ଡେଇଁବା, ଦୁଇଗୋଡ଼ ଏକାଠି କରିଡେଇଁବା | ସଙ୍ଗୀତ ପ୍ରତି ମୁକ୍ତ ଓ ସକ୍ରିୟ ପ୍ରତିକ୍ରିୟାର ପରିପ୍ରକାଶ |
| ସୂକ୍ଷ୍ମ ମାଂସପେଶୀୟ ସମନ୍ୱୟ | ନକଲ କରିବା | ଆକାର ସହିତ ମେଳକ ଓ ସାଦୃଶ୍ୟତା ଓ ପ୍ରଭେଦତା ଦର୍ଶାଇବା | ରଙ୍ଗର ନାମକରଣ କରିବା |
| ଇନ୍ଦ୍ରିୟା ଉପଲବ୍ଧି | ନିଜକୁ ଚିହ୍ନିବା,ରଙ୍ଗ ମେଳକ କରିବା | ଜାଲ ଓ ବାକ୍ସ ଯୋଡ଼ିବା | ଆକୃତି ଓ ରଙ୍ଗ ମଧ୍ୟରେ ମେଳକ ଏବଂ ନାମ ମଧ୍ୟରେ ପ୍ରଭେଦ ଦର୍ଶାଇବା । |
| ସ୍ୱର ଦ୍ୱାରା ପ୍ରଣାମ | ୨୦୦ ଶବ୍ଦ, କିଛି ଶବ୍ଦ ବ୍ୟବହାର କରିବା | ୯୦୦ ଶବ୍ଦ,ସୂଚନା ଅନୁସାରେ କାର୍ଯ୍ୟ କରିବା | ୪ ସଂଖ୍ୟା ବିଶିଷ୍ଟ ୨୦୦୦ରୁ ୩୦୦୦ ଶବ୍ଦକୁ ପୁନରାବୃତ୍ତି କରିବା ଶବ୍ଦ ବିନ୍ୟାସର ସଂଜ୍ଞା ନିରୂପଣ କରିବା |
| ସମଯୋଜନ ଆଚରଣ | ଅଭ୍ୟନ୍ତର ନିୟନ୍ତ୍ରଣ | ବ୍ଲକ୍ ଯୋଡ଼ିବା,ଓ ମଣିଷର ଚିତ୍ର ଆଙ୍କିବା | ୪ସଂଖ୍ୟା ଶରୀରର ପୂର୍ଣ୍ଣାଙ୍ଗ ଚିତ୍ର ଆଙ୍କିବା |

**୩. ଭାଷାର ବିକାଶ:**

ଶିଶୁର ଭାଷାର ବିକାଶ ତା'ର ଜନ୍ମର କାନ୍ଦରୁ ଆରମ୍ଭ ହୁଏ । ୧୦ ମାସର ଶିଶୁ ଗୋଟିଏ ଶବ୍ଦରେ କଥାହୁଏ, କିନ୍ତୁ ୧ମ ବର୍ଷର ଶେଷ ଆଡ଼କୁ ତା'ର ଶବ୍ଦ ବିନ୍ୟାସ ବୃଦ୍ଧି ହୋଇ ୩ - ୪ ଅକ୍ଷର ବିଶିଷ୍ଟ ଶବ୍ଦରେ କହିପାରେ । ପାରିବାରିକ ପରିବେଶ ଏବଂ ଆଦ୍ୟ ବାଲ୍ୟାବସ୍ଥାର ତାଲିମ ଯୋଗୁଁ ଶିଶୁର ଶବ୍ଦ ଭଣ୍ଡାର ବୃଦ୍ଧିହୁଏ । ନିମ୍ନଲିଖିତ ସାରଣୀରେ ଶିଶୁର ଶବ୍ଦଭଣ୍ଡାର ବୃଦ୍ଧି ଦର୍ଶାଯାଇଛି ।

ଟିପ୍ପଣୀ

| ବର୍ଷ | ଶବ୍ଦ ଭଣ୍ଡାର |
|---|---|
| ୧ ବର୍ଷ | ୩ |
| ୨ ବର୍ଷ | ୨୭୨ |
| ୩ ବର୍ଷ | ୮୯୬ |
| ୪ ବର୍ଷ | ୧୫୬୦ |
| ୬ ବର୍ଷ | ୨୫୬୨ |

**୪. ବୌଦ୍ଧିକ ବିକାଶ**

ଶିଶୁର ବୌଦ୍ଧିକ ବିକାଶ ୨ ବର୍ଷ ପରେ ତ୍ୱରାନ୍ୱିତ ହୁଏ କାରଣ ଏହି ସମୟରେ ସେ ତା'ର ସାମାଜିକ ପରିବେଶ ସହିତ ପରିଚିତ ହେବାକୁ ଆରମ୍ଭ କରେ ଏବଂ ନୂତନ ଅଭିଜ୍ଞତା ଆହରଣ କରେ । ନିମ୍ନରେ କେତେକ ମୁଖ୍ୟ ବୌଦ୍ଧିକ ବିକାଶର ବୈଶିଷ୍ଟ୍ୟ ଦିଆଯାଇଛି ।

(କ) ସାମାଜିକ ଓ ଶାରୀରିକ ବାସ୍ତବତା ଉପରେ ଶିଶୁ ପ୍ରତ୍ୟୟ / ଧାରଣା ସୃଷ୍ଟି କରିବା ଆରମ୍ଭ କରେ ।

(ଖ) ୬ ବର୍ଷ ବୟସର ଶିଶୁଠାରେ ଆକାର, ଆକୃତି, ରଙ୍ଗ, ସମୟ ଓ ଦୂରତା ଇତ୍ୟାଦି ବିଷୟରେ ଧାରଣା ସୃଷ୍ଟି ହୁଏ ।

(ଗ) ଶିଶୁର ସ୍ମରଣ ଶକ୍ତି ଦ୍ରୁତଗତିରେ ବୃଦ୍ଧି ହୁଏ । ତେଣୁ ଶିଶୁ ମୁଖସ୍ତ କରି(ଘୋଷି)ଶିକ୍ଷଣ ହାସଲ କରିଥାଏ ।

(ଘ) ଶିଶୁର ସୃଜନ ଶକ୍ତି ଓ କଳ୍ପନା ଶକ୍ତିର ବୃଦ୍ଧି ଘଟେ ।

(ଙ) ଚିନ୍ତନ ଓ ବିଚାର ଶକ୍ତି ବାସ୍ତବ ବସ୍ତୁ ସମ୍ବନ୍ଧରେ ବୃଦ୍ଧି ଘଟେ ।

(ଘ) ଶିଶୁର ମନଯୋଗ ୭ ମିନିଟ୍ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ବୃଦ୍ଧିହୁଏ ଓ ଆଗ୍ରହର ମାତ୍ରା ବୃଦ୍ଧି ହୁଏ ।

(ଙ) ଶିଶୁ ଭାଷାର ସଙ୍କେତ, ସାଙ୍କେତିକ ଚିହ୍ନର ବ୍ୟବହାର ଏବଂ ସମସ୍ୟା ସମାଧାନରେ ସକ୍ଷମ ହୁଏ ।

(ଚ) ଶିଶୁ ତା'ର ପରିବେଶ ସମ୍ବନ୍ଧରେ ପ୍ରଶ୍ନ ପଚାରିବା ଆରମ୍ଭ କରେ ।

**୫. ସାମାଜିକ ବିକାଶ**

ଶିଶୁର ସାମାଜିକ ଏବଂ ବ୍ୟକ୍ତିତ୍ୱର ବିକାଶ ଶିଶୁର ପରିବେଶ ଉପରେ ନିର୍ଭର କରିଥାଏ । ଶିଶୁ ଯେଉଁ ସମାଜରେ ବସବାସ କରେ ସେହି ସମାଜ ଅନୁଯାୟୀ ତା'ର ସାମାଜିକ ଏବଂ ବ୍ୟକ୍ତିତ୍ୱର ବିକାଶ ଘଟେ ।

(କ) ଶିଶୁର ବିଶ୍ୱାସ / ଆସ୍ଥା ଏବଂ ଅବିଶ୍ୱାସ ଜ୍ଞାନ ତା'ର ପରିବେଶ ମାଧ୍ୟମରେ ବୃଦ୍ଧି ଘଟେ ।

(ଖ) ଶିଶୁମାନଙ୍କ ମଧ୍ୟରେ ସ୍ୱାଧୀନ ମନୋଭାବ ଏବଂ ସ୍ୱାଧୀନ ଚିନ୍ତାଧାରା ବିକଶିତ ହୁଏ । ସେମାନେ ନିଜ ପରିବେଶରେ ସ୍ୱାଧୀନ ଭାବରେ ଅନୁସନ୍ଧାନ କରିବା ଆରମ୍ଭ କରନ୍ତି ।

(ଗ) ଘର ପରିବେଶରୁ ସାମାଜିକ ପରିବେଶର ବୃଦ୍ଧି ହୁଏ ।

(ଘ) ଉଭୟ ବାଳକ ବାଳିକା କୌଣସି ଲିଙ୍ଗଗତ ବୈଷମ୍ୟ ନରଖି ସାଥି ହୋଇ ଖେଳନ୍ତି । ସେମାନେ ମଧ୍ୟ ସକ୍ରିୟ ଭାବେ ଦଳଗତ ଖେଳରେ ଅଂଶଗ୍ରହଣ କରନ୍ତି ।

(ଙ) ସେମାନଙ୍କ ମଧ୍ୟରେ ସହଯୋଗ ମନୋଭାବର ବୃଦ୍ଧି ହୁଏ ଏବଂ ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ କରନ୍ତି । ସମାନ ବ୍ୟକ୍ତିଗତ ଲକ୍ଷଣ ଥିବା ସାଙ୍ଗସାଥିମାନଙ୍କ ଆଗ୍ରହ ସହିତ ଅଂଶୀଦାର ହୋଇଥାନ୍ତି ।

(ଗ) ଶିଶୁମାନେ ପଶୁପକ୍ଷୀ ସମ୍ବନ୍ଧୀୟ ଗଳ୍ପ, ପରୀକାହାଣୀ ଇତ୍ୟାଦିରେ ଆଗ୍ରହ ପ୍ରକାଶ କରନ୍ତି ।

(ଛ) ନକାରାତ୍ମକ ମନୋଭାବ ୩ ରୁ ୬ ବର୍ଷ ଶିଶୁଙ୍କ ମଧ୍ୟରେ ବୃଦ୍ଧି ହୁଏ । ଏହା ସାମାଜିକ ପରିବେଶରେ ସୃଷ୍ଟି ହୋଇଥାଏ । ଅଧିକାଂଶ ଶିଶୁ ବୟୋଜ୍ୟେଷ୍ଠଙ୍କ ଦ୍ୱାରା ହତୋତ୍ସାହିତ ହୋଇ ନକାରାତ୍ମକ ଆଚରଣ ପ୍ରଦର୍ଶନ କରିଥାନ୍ତି ।

(ଜ) ଖେଳ କୁଦରେ ଝିଅମାନେ ପୁଅମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି ।

(ଝ) ଶିଶୁମାନେ ନିଜର କାର୍ଯ୍ୟକଳାପ ନିମନ୍ତେ ସାମାଜିକ ଅନୁମୋଦନ ଚାହିଁଥା'ନ୍ତି ।

### ୬. ଆବେଗିକ ବିକାଶ

ଆବେଗ ମଣିଷର ସାମାଜିକ ଏବଂ ବ୍ୟକ୍ତିଗତ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆବେଗ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ନିମ୍ନଲିଖିତ ପ୍ରଭାବ ପକାଇଥାଏ ।

(କ) ଜୀବନର ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ସାମ୍ନା କରିବା ନିମନ୍ତେ ଆବେଗ ଶକ୍ତି ପ୍ରଦାନ କରେ ।

(ଖ) ମଣିଷର ବ୍ୟବହାରକୁ ପରିଚାଳନା ନିମନ୍ତେ ଆବେଗ ଏକ ଉତ୍ପ୍ରେରଣ ଭାବେ କାର୍ଯ୍ୟ କରେ ।

(ଗ) ଆବେଗ ବ୍ୟକ୍ତିର ଦୈନନ୍ଦିନ ଜୀବନ ଅନୁଭୂତିରେ ଆନନ୍ଦ ସୃଷ୍ଟି କରେ ।

(ଘ) ପ୍ରଖର ଆବେଗାବସ୍ଥା ବ୍ୟକ୍ତିର ମାନସିକ ସ୍ଥିତି, ବିଚାର ଏବଂ ଚିନ୍ତନ ଶକ୍ତିକୁ ବ୍ୟାଘାତ କରିଥାଏ ।

(ଙ) ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଆବେଗ ଏକ ଯୋଗାଯୋଗର ମାଧ୍ୟମ ରୂପେ କାର୍ଯ୍ୟ କରେ ଏବଂ ସାମାଜିକ ଅବସ୍ଥାଗୁଡିକୁ ଦୃଢ କରିବା ପାଇଁ ଆବଶ୍ୟକୀୟ ପରିବର୍ତ୍ତନ ଦିଗରେ ପଥ ପ୍ରଦର୍ଶକ ଭାବରେ କାର୍ଯ୍ୟ କରିଥାଏ ।

(ଚ) ଆବେଗିକ ଅସନ୍ତୁଳନ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ।

ନିମ୍ନଲିଖିତ ଆବେଗିକ ବୈଶିଷ୍ଟ୍ୟଗୁଡ଼ିକ ଶିଶୁମଧ୍ୟରେ ବିକଶିତ ହୁଏ ।

(କ) ଆବେଗ ପୌନଃପୁନିକ ଅଟେ ।

(ଖ) ଆବେଗ ବାସ୍ତବ ବସ୍ତୁ ସହିତ ସଂପର୍କିତ ଅଟେ ।

(ଗ) ଆବେଗ କ୍ଷଣସ୍ଥାୟୀ ଅଟେ । ଏହାର ଅର୍ଥ ଶିଶୁ ନିଜର ଆବେଗକୁ ଅତିଶୀଘ୍ର ବଦଳାଇ ପାରେ । ଉ.ସ.- ୩ ବର୍ଷର ଶିଶୁ କାନ୍ଦିଲେ ତାକୁ ଯଦି ଚକୋଲେଟ୍ ଦିଆଯାଏ, ତାହାହେଲେ ସେ ଖୁସି ହୁଏ ।

(ଘ) ଆଦ୍ୟ ବାଲ୍ୟାବସ୍ଥାରେ ଶିଶୁର ଆବେଗ ତୀବ୍ର ମାତ୍ରାରେ ପରିଦୃଷ୍ଟ ହୁଏ ।

(ଙ) ଶିଶୁ ନିଜର ଆବେଗକୁ ଲୁଚାଇବାରେ ଅସଫଳ ହୁଅନ୍ତି । କିନ୍ତୁ ପରୋକ୍ଷ ଉପାୟରେ ବିଭିନ୍ନ କାର୍ଯ୍ୟକଳାପ ଯଥା- କାନ୍ଦିବା, ନଖ କାମୁଡିବା, ବୁଢ଼ାଙ୍ଗୁଳି ଚୋଷିବା ଏବଂ କହିବାରେ ଅସୁବିଧାରେ ସମ୍ମୁଖୀନ ହେବା ଇତ୍ୟାଦି ମାଧ୍ୟମରେ ଆବେଗକୁ ପ୍ରକାଶ କରନ୍ତି ।

(ଚ) ଆବେଗ ଗୁଡ଼ିକ ସାମର୍ଥ୍ୟରେ ପରିବର୍ତ୍ତନ ହୁଏ । ଆବେଗ ଗୁଡିକ ଏକ ନିର୍ଦ୍ଦିଷ୍ଟ ବୟସରେ ଦୃଢ ହେବାବେଳେ, ଶିଶୁର ବୟସ ବଢିବା ସହିତ ଆବେଗ ଗୁଡ଼ିକ ଦୂର୍ବଳ ହୋଇଥାଏ । ଏହି ଆବେଗର ପରିବର୍ତ୍ତନ ଶିଶୁର ବୌଦ୍ଧିକ ବିକାଶ, ଆଗ୍ରହ ଓ ମୂଲ୍ୟବୋଧ ପରିବର୍ତ୍ତନ ଯୋଗୁଁ ଘଟିଥାଏ ।

## (ଗ) ପରବର୍ତ୍ତୀ / ଶେଷ ବାଲ୍ୟାବସ୍ଥା

ଶେଷ ବାଲ୍ୟାବସ୍ଥା ବ୍ୟକ୍ତିର ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ଏହା ଏପରି ଏକ ପର୍ଯ୍ୟାୟ ଯେତେବେଳେକି ପିଲାମାନେ ଅତି ଖରାପ / ମନ୍ଦ ଆଚରଣ / ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ଏହି ସମୟରେ

ଟିପ୍ପଣୀ

ପିତାମାତା ଏବଂ ଶିକ୍ଷକମାନେ ପିଲାମାନଙ୍କ ଉପରେ ବିଭକ୍ତ ହୁଅନ୍ତି ଓ ପିଲାମାନେ ମଧ୍ୟ ସେମାନଙ୍କ ଉପରେ ବିଭକ୍ତି ପ୍ରକାଶ କରନ୍ତି । ଏହି ସମୟରେ ଶିଶୁ ସମାଜରେ ଚଳିବାପାଇଁ ପିତାମାତା ଓ ଶିକ୍ଷକଙ୍କଠାରୁ ଉପଯୁକ୍ତ ପରାମର୍ଶ ଓ ଉପଦେଶ ଆବଶ୍ୟକ କରିଥାନ୍ତି । ମଣିଷ ଜୀବନରେ ୮ ରୁ ୧୨ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ । ଏହି ସମୟରେ ଶିଶୁର ଶାରୀରିକ ତଥା ମାନସିକ ବିକାଶର ପୂର୍ଣ୍ଣତା ପ୍ରକାଶ ହୁଏ । ଶିଶୁର ମସ୍ତିଷ୍କର ବୃଦ୍ଧି ଏବଂ ବିକାଶ ହୁଏ । ତତ୍ ସହିତ ଶିଶୁର ଓଜନ, ସ୍ୱାସ୍ଥ୍ୟ ଇତ୍ୟାଦିରେ ପୂର୍ଣ୍ଣ ବିକାଶ ହୋଇଥାଏ ।

**(୧) ଶାରୀରିକ ବିକାଶ–** ଶେଷ ବାଲ୍ୟାବସ୍ଥାରେ ଶିଶୁର ଓଜନ ଓ ଉଚ୍ଚତାର ବୃଦ୍ଧି ଧୀରଗତିରେ ହୋଇଥାଏ । ବାଳିକାମାନେ ବାଳକମାନଙ୍କଠାରୁ ୨ ବର୍ଷ ଆଗୁଆ ବୃଦ୍ଧିରେ ଥାଆନ୍ତି । ଶିଶୁର ଶାରୀରିକ ପରିବର୍ତ୍ତନ ପରିଲକ୍ଷିତ ହୁଏ । ଏହି ବୟସରେ ଶିଶୁ ବିଭିନ୍ନ ରୋଗରୁ ମୁକ୍ତ ହୋଇଥାଏ । ଶାରୀରିକ ଗଠନ ଦୃଷ୍ଟିକୋଣରୁ ୧୧ ବର୍ଷର ବାଳିକାମାନେ ବାଳକମାନଙ୍କ ଠାରୁ ଅତି ଦ୍ରୁତ ଗତିରେ ବୃଦ୍ଧି ଲାଭକରିଥାନ୍ତି । ଜନ୍ମଦାନ୍ତ ଖସି ନୂତନ ଦାନ୍ତ ଉଠିବା, ନାକର ଆକାରରେ ପରିବର୍ତ୍ତନ, ଛାତି ଚଉଡା ହେବା, ଚଳନଶକ୍ତିର ବିକାଶ ଇତ୍ୟାଦି ହୁଏ । ନିମ୍ନଲିଖିତ ପରିବର୍ତ୍ତନ ଗୁଡିକ ପରିଲକ୍ଷିତ ହୁଏ ।

(କ) ଶିଶୁର ଶାରୀରିକ ଦକ୍ଷତାର ଅଭିବୃଦ୍ଧି ଘଟେ ।

(ଖ) ସାମର୍ଥ୍ୟ / ଶକ୍ତିର ବୃଦ୍ଧି ଘଟେ ।

(ଗ) କ୍ଲାନ୍ତି ପ୍ରତିରୋଧ କରିବା ଶକ୍ତିର ଅଭିବୃଦ୍ଧି ଘଟିଥାଏ ।

(ଘ) ଖେଳ କୁଦରେ ନିର୍ଭୁଲତା ଏବଂ ସହିଷ୍ଣୁତାର ଅଭିବୃଦ୍ଧି ଘଟିଥାଏ ।

ଶିଶୁ ଶାରୀରିକ କାର୍ଯ୍ୟପାଇଁ ଜୈବିକ ଶକ୍ତି ଆବଶ୍ୟକ କରିଥାଏ । ୯ - ୧୧ ବର୍ଷ ବୟସ୍କ ଶିଶୁ ଦ୍ରୁତ ଗତିରେ ଦୌଡ଼ିବା, ଡ଼େଇଁବା ଇତ୍ୟାଦି ଶାରୀରୀକ ଜଟିଳ କାର୍ଯ୍ୟ କରିବା ନିମନ୍ତେ ଶକ୍ତି ଆବଶ୍ୟକ କରେ ।

**(୨) ବୌଦ୍ଧିକ ବିକାଶ:** ୬ ବର୍ଷରୁ ୧୪ ବର୍ଷ ବୟସ ମଧ୍ୟରେ ନିମ୍ନଲିଖିତ ବୌଦ୍ଧିକ ବିକାଶ ଶିଶୁ ମଧ୍ୟରେ ଘଟିଥାଏ ।

(କ) ଶିଶୁ ନିଜ ଓ ବାହ୍ୟଜଗତ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବାକୁ ଆରମ୍ଭ କରେ । ସେ ପରିବେଶରେ ବାସ୍ତବତାକୁ ଉପଲବ୍ଧ କରିଥାଏ ।

(ଖ) ୧୨ ବର୍ଷ ବୟସରେ ଶିଶୁ ପ୍ରାକୃତିକ ନିୟମ ବିଷୟରେ ସଂପୂର୍ଣ୍ଣ ଧାରଣା ଲାଭ କରିଥାଏ ।

(ଗ) ଏହି ବୟସରେ ଶିଶୁ ନୂତନ ଧାରଣା ପାଇବା ସହିତ ତତ୍ ସଂପର୍କରେ ଜ୍ଞାନ ଆହରଣ କରି ଅନୁସନ୍ଧାନ କରେ । ଶିକ୍ଷଣ ଏବଂ ସ୍ମରଣଶକ୍ତିରେ ଅଭିବୃଦ୍ଧି ଘଟେ କାରଣ ବିଦ୍ୟାଳୟ ଶିକ୍ଷାରେ ଶିଶୁ ପ୍ରବେଶ କରିଥାଏ ।

(ଘ) ଯୁକ୍ତିଯୁକ୍ତ ଚିନ୍ତନ ଶକ୍ତି / ଦକ୍ଷତାର ଅଭିବୃଦ୍ଧି ହୁଏ ଏବଂ ଶିଶୁର ଚଳନ ଶକ୍ତିରେ ଦକ୍ଷ ହୁଏ, ବୌଦ୍ଧିକ କାର୍ଯ୍ୟରେ ବିକାଶ ହୁଏ, ଓ ସେ ବାସ୍ତବ ବସ୍ତୁ ସହିତ ନିଜର ଜ୍ଞାନକୁ ପ୍ରୟୋଗ କରିପାରେ ।

(ଙ) ଏହି ସମୟରେ ବୈଜ୍ଞାନିକ ଗଳ୍ପ ଦିଗରେ ଆଗ୍ରହ ବୃଦ୍ଧି ହୁଏ ଏବଂ ଯାନ୍ତ୍ରିକ କାର୍ଯ୍ୟ ପରିଚାଳନାରେ ସର୍ବାଧିକ ଦକ୍ଷତା ହାସଲ କରେ ।

(ଚ) ସାହାସ ଏବଂ ବିଶ୍ୱସ୍ତତାର ଅଭିବୃଦ୍ଧି ଘଟେ । ବିଭିନ୍ନ କାର୍ଯ୍ୟ ସଂପାଦନରେ ସାହାସ ଦେଖାଏ ।

(ଛ) ଏହି ବୟସରେ ଶିଶୁ ଅନ୍ୟ ନାଟକ ଅପେକ୍ଷା କାଳ୍ପନିକ ନାଟକରେ ଅଧିକ ଅଗ୍ରାଧିକାର ଦେଇଥାଏ ।

(ଜ) ତଥ୍ୟ ଭିତ୍ତିକ ସାମଗ୍ରୀ, ବୈଜ୍ଞାନିକ ଏବଂ ଗାଣିତିକ ତଥ୍ୟ ଏବଂ ଅବାସ୍ତବ / କାଳ୍ପନିକ କାହାଣୀ

ସହିତ ବାସ୍ତବ ତଥ୍ୟାବଳୀ ସହିତ ସଂପର୍କ ବୃଦ୍ଧି ହୋଇଥାଏ ।

(ଝ) ପରିବେଶର ଭୌତିକ, ଯାନ୍ତ୍ରିକ ଏବଂ ପ୍ରାକୃତିକ ଘଟଣା ସମ୍ବନ୍ଧୀୟ ଆକସ୍ମିକ ଚିନ୍ତନ ଶକ୍ତିର ସଂପର୍କ ବୃଦ୍ଧି ଘଟିଥାଏ ।

(ଞ) ୧୨ ବର୍ଷ ବେଳକୁ ଆଦ୍ୟ କାଳ୍ପନିକ ଭୟ ଗୁଡ଼ିକ ଲୋପପାଏ ।

(ଟ) ୧୨ ବର୍ଷ ବେଳକୁ ଶିଶୁ ସିଦ୍ଧାନ୍ତିକରଣ କରିବାର ସର୍ବାଧିକ ଦକ୍ଷତା ହାସଲ କରେ । ଶିଶୁ ଏହି ସମୟରେ ତତ୍‌କ୍ଷଣ କାରଣ ଓ ଫଳାଫଳ ମଧ୍ୟରେ ସଂପର୍କ ସ୍ଥାପନ ଏବଂ ସାମ୍ପ୍ରତିକ ଘଟଣାବଳୀ ସହିତ ସଂପର୍କ ସ୍ଥାପନ କରେ ।

(ଠ) ଏହି ସମୟରେ ଶିଶୁ ବିଭିନ୍ନ ସମସ୍ୟା ସହିତ ବୁଝାମଣା କରି ସମାଧାନ କରିପାରେ । ବିଭିନ୍ନ ସମସ୍ୟାକୁ ଯୁକ୍ତିସଙ୍ଗତ ଭାବେ ବିଶ୍ଳେଷଣ କରିବା ଓ ପରିବେଶରେ ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ସମର୍ଥ ହୁଏ ।

**(୩) ଆବେଗିକ ବିକାଶ:** ଆବେଗଗୁଡ଼ିକ ଜୀବନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆବେଗ ବିନା ଜୀବନ ଅପରିବର୍ତ୍ତନଶୀଳ ଏବଂ ନିରର୍ଥକ ଅଟେ । ଏଗୁଡ଼ିକ ଶିଶୁର ବୟସବୃଦ୍ଧି ଅନୁସାରେ ପରିବର୍ତ୍ତନ ହୋଇଥାଏ । ଏହି ସମୟର ଶିଶୁର ଆବେଗିକ ପରିବର୍ତ୍ତନରେ ବିଭିନ୍ନ ବୈଶିଷ୍ଟ୍ୟ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି ।

(କ) ଆଦ୍ୟାବସ୍ଥାରେ ଶିଶୁର ଆବେଗିକ ପରିପ୍ରକାଶର ପରିବର୍ତ୍ତନ ହୋଇଥାଏ । ଶେଷ ବାଲ୍ୟାବସ୍ଥାର ଶେଷଆଡ଼କୁ ଶିଶୁ ନିଜର ଆବେଗିକ ପରିପ୍ରକାଶକୁ ସାମାଜିକ ସ୍ଥିତି ଅନୁସାରେ ନିୟନ୍ତ୍ରଣ କରିଥାଏ ।

(ଖ) ଶିଶୁର ଆବେଗିକ ପ୍ରତିକ୍ରିୟା ସ୍ୱଳ୍ପ ପ୍ରସାରିତ, ଅନିୟମିତ ଏବଂ ଅଭିନ୍ନ ହୋଇଥାଏ ।

(ଗ) ଶିଶୁର ଆବେଗ ଏପରିକି ବାସ୍ତବ ବସ୍ତୁର ଅନୁପସ୍ଥିତିରେ ମଧ୍ୟ ସୃଷ୍ଟି ହୋଇଥାଏ ।

(ଘ) ବାଲ୍ୟାବସ୍ଥାରେ ଶିଶୁର ଆବେଗ ଅତି ମାତ୍ରାରେ ସଂକ୍ରମଣ ଅଟେ, କାରଣ ଶିଶୁମାନେ ଏହି ଅବସ୍ଥାରେ ଅନ୍ୟକୁ ସହଜରେ ମାନିନେଇଥାନ୍ତି ଓ ଅନ୍ୟ ଉପରେ ଅଧିକ ମାତ୍ରାରେ ନିର୍ଭର କରିଥାନ୍ତି ।

(ଙ) ଆଦ୍ୟ ବାଲ୍ୟାବସ୍ଥାରେ ଶିଶୁ ପଶୁମାନଙ୍କୁ, ଉଚ୍ଚ ସ୍ଥାନକୁ, ଉଚ୍ଚ ଶବ୍ଦକୁ, ଅଲୌକିକ ଶକ୍ତି ଏବଂ ଅବାସ୍ତବ / କାଳ୍ପନିକ ପ୍ରାଣୀ, ଇତ୍ୟାଦିକୁ ଭୟ କରିଥାଏ । ବିଫଳ ହେବା, ଉପହାସିତ ହେବା ଏବଂ ଅଲଗା ଦୃଶ୍ୟ ହେବା ଇତ୍ୟାଦିକୁ ଭୟ କରିଥାଏ ।

(ଚ) ବିଫଳ ହେବା, ଚିଡ଼େଇବା, ଅନ୍ୟ ପିଲାମାନଙ୍କ ସହିତ ପ୍ରତିକୂଳ ତୁଳନା କରିବା, କାର୍ଯ୍ୟର ପ୍ରଗତିରେ ବାଧା ସୃଷ୍ଟିହେବା, ସାଙ୍ଗସାଥୀ ଓ ଗୁରୁଜନମାନଙ୍କ ଦ୍ୱାରା ଉପହାସିତ ହେବା ଏବଂ ଅବହେଳିତ ହେବା ଇତ୍ୟାଦି କାରଣରୁ କ୍ରୋଧ ଜାତ ହୁଏ ।

(ଛ) ପିତାମାତାଙ୍କର ଅଯଥା ଅନୁଗ୍ରହ ପ୍ରଦର୍ଶନ / ପକ୍ଷପାତିତା ଶିଶୁ ମନରେ ଦ୍ୱେଷ / ଈର୍ଷା ଜାଗ୍ରତ କରାଏ ।

(ଜ) ଶ୍ରେଣୀ କକ୍ଷରେ ପୁଅମାନଙ୍କୁ ଝିଅମାନଙ୍କ ତୁଳନାରେ ଅଧିକ ଉତ୍ସାହିତ, ପ୍ରଶଂସା ଯୋଗୁଁ ଝିଅମାନେ ଅଧିକ ଈର୍ଷା ପରାୟଣ ହୁଅନ୍ତି ।

(ଝ) ଆନନ୍ଦ, ଖୁସି, ଭଲ ପାଇବା, କୌତୁହଳ, ଦୁଃଖ ଏବଂ ସ୍ନେହ ପ୍ରଭୃତି ଆବେଗ ଗୁଡ଼ିକ ବାଲ୍ୟାବସ୍ଥାରେ ଦେଖାଯାଏ ।

ଟିପ୍ପଣୀ

**(୪) ସାମାଜିକ ବିକାଶ** - ସାମାଜିକୀକରଣ ପ୍ରକ୍ରିୟା ଶିଶୁମାନଙ୍କଠାରେ ଆଦ୍ୟାବାଲ୍ୟାବସ୍ଥାରେ ଘରଠାରୁ ଆରମ୍ଭ କରି ପଡ଼ୋଶୀ ପରିବେଶ ଏବଂ ବିଦ୍ୟାଳୟ ମଧ୍ୟରେ ସଙ୍ଗଠିତ ହୁଏ । ନିମ୍ନଲିଖିତ ମୁଖ୍ୟ ପରିବର୍ତ୍ତନ ଗୁଡ଼ିକ ପରିଲକ୍ଷିତ ହୁଏ -

(କ) ଏହି ସମୟରେ ଶିଶୁ ନିଜ ବୟସ ଲିଙ୍ଗର ପିଲାମାନଙ୍କ ସହିତ ବନ୍ଧୁତାସ୍ଥାପନ କରେ ଏବଂ ଘର ବାହାରେ ସମୟ ଅତିବାହିତ କରିଥାଏ । ସାଙ୍ଗସାଥୀ ସାମାଜିକୀକରଣ ପ୍ରକ୍ରିୟାର ଏକ ଗରୁତ୍ୱପୂର୍ଣ୍ଣ ପ୍ରତିନିଧି ଭାବେ କାର୍ଯ୍ୟ କରିଥାନ୍ତି ।

(ଖ) ଏହି ସମୟରେ ଶିଶୁ ବିଦ୍ୟାଳୟରେ ଏବଂ ଘରେ ବିଶୃଙ୍ଖଳିତ ହେବାରେ ମୁଖ୍ୟ ସମୟ ଅଟେ ।

(ଗ) ଏହି ପର୍ଯ୍ୟାୟରେ ଶିଶୁ ଅଧିକ ମାତ୍ରାରେ ଅବାଧ୍ୟତା ହେବାର ଅଭିଯୋଗ ଆସିଥାଏ ।

(ଘ) ଶିଶୁମାନେ ଏହି ସମୟରେ ପୌଢ଼ମାନଙ୍କୁ ଅଗ୍ରାହ୍ୟ କରିଥାନ୍ତି ଓ ସମବୟସ୍କ ସାଙ୍ଗମାନଙ୍କ ସଂଖ୍ୟାର ମାତ୍ରା ଅଧିକ ହୋଇଥାଏ ।

(ଙ) କୈଶୋରାବସ୍ଥା ତୁଳନାରେ ଏହି ସମୟରେ ଶିଶୁ ଅଧିକ ଅନୁପସ୍ଥିତ ରହେ ।

(ଚ) ଏହି ସମୟରେ ଶିଶୁର ଲିଙ୍ଗଗତ ପ୍ରଭେଦତା ମନୋଭାବ ଅଧିକ ମାତ୍ରାରେ ଦେଖାଯାଏ । ଝିଅମାନେ ଝିଅମାନଙ୍କ ସହିତ ଓ ପୁଅମାନେ ପୁଅମାନଙ୍କ ସହିତ ଖେଳିଥା'ନ୍ତି । ଖେଳିବା କାର୍ଯ୍ୟରେ ମଧ ଲିଙ୍ଗଗତ ପାର୍ଥକ୍ୟ ଦେଖାଯାଏ । ଝିଅମାନେ ପୁଅମାନଙ୍କ ପ୍ରତି ଅଧିକ ମାତ୍ରାରେ ପ୍ରତିପକ୍ଷାତ୍ମକ ଆଚରଣ ପ୍ରଦର୍ଶନ କରନ୍ତି ।

(ଛ) ପୁଅମାନେ ଝିଅମାନଙ୍କ ତୁଳନାରେ ଅଧିକ ବିଦ୍ରୋହାତ୍ମକ ହୁଅନ୍ତି ଓ ପୁଅମାନଙ୍କର ସାଙ୍ଗସାଥୀ ଦଳ ଝିଅମାନଙ୍କ ଅପେକ୍ଷା ଅଧିକ ସୁସଂଗଠିତ ହୁଏ ।

(ଜ) ଶିଶୁମାନେ ଦଳଭିତ୍ତିକ ଖେଳରେ ଆଗ୍ରହ ପ୍ରକାଶ କରନ୍ତି । ପୁଅଝିଅମାନେ ନିଜ ନିଜର ଦଳ ଗଠନ କରନ୍ତି । ଦଳଭିତ୍ତିକ ସଚେତନତା ଶିଶୁମାନଙ୍କ ମଧ୍ୟରେ ବିକଶିତ ହୁଏ ଏବଂ ସେମାନେ କମ୍ ସ୍ୱାର୍ଥପର ଏବଂ ଆତ୍ମ- କୈନ୍ଦ୍ରିକ ଏବଂ ଆକ୍ରମଣାତ୍ମକ ହୁଅନ୍ତି କିନ୍ତୁ ଅଧିକ ସହଯୋଗୀ ଏବଂ ନିଜର ମତବ୍ୟକ୍ତ କରିବାରେ ସକ୍ଷମ ହୁଅନ୍ତି ।

(ଝ) ଆତ୍ମ-ସଚେତନତା ଦ୍ରୁତ ଗତିରେ ବୃଦ୍ଧିପାଏ । ଏହାକୁ 'ଗ୍ୟାଙ୍ଗ୍ ଏଜ୍' ସମୟ କୁହାଯାଏ । କାରଣ ଏହି ସମୟରେ ଶିଶୁ ନିଜକୁ ସାଙ୍ଗସାଥୀମାନଙ୍କ ସହିତ ମିଶି କାର୍ଯ୍ୟ କରିବାକୁ ଭଲପାଏ । ଶିଶୁ ନିଜର ସାଙ୍ଗସାଥୀଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରେ ଏବଂ ଦଳ ପ୍ରତି ସମର୍ଥନ ପ୍ରକାଶ କରେ ।

**ଶୈକ୍ଷିକ ନିହିତାର୍ଥ:**

(କ) ବିଦ୍ୟାଳୟରେ ଶିଶୁମାନଙ୍କୁ ଉପଯୁକ୍ତ ପରିବେଶ ଯୋଗାଇଦେବା ଆବଶ୍ୟକ ଏବଂ ଶିଶୁମାନଙ୍କୁ ନିଜର ଆବେଗ ଓ ମନୋଭବକୁ ପରିପ୍ରକାଶ କରିବା ନିମିତ୍ତ ଉତ୍ସାହିତ କରିବା ଆବଶ୍ୟକ ।

(ଖ) ନିରାପତ୍ତା ଏବଂ ସ୍ୱାଧୀନତା ଶିଶୁମାନଙ୍କୁ ବିଦ୍ୟାଳୟରେ ଏବଂ ଘରେ ପ୍ରଦାନ କରାଯିବା ଉଚିତ୍ ।

(ଗ) ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବଣଭୋଜିରେ ଅଂଶଗ୍ରହଣ ନିମନ୍ତେ ସୁଯୋଗ ପ୍ରଦାନ କରିବା ଉଚିତ୍ ।

(ଘ) ପୁଅ - ଝିଅ ମାନଙ୍କ ସହିତ ତୁଳନା କରିବା ଅନୁଚିତ୍ ।

(ଙ) ଶିଶୁମାନଙ୍କୁ ଗଣତାନ୍ତ୍ରିକ ଆଚରଣ ପ୍ରଦର୍ଶନ କରିବା ଉଚିତ୍ ।

(ଚ) ବାଳକମାନଙ୍କୁ ବାଲ୍ୟାବସ୍ଥାରେ ବୟସ୍କ ଲୋକମାନଙ୍କ ସହିତ ମିଶିବାପାଇଁ ସୁଯୋଗ ପ୍ରଦାନ କରିବା ଆବଶ୍ୟକ ।

(ଛ) ଯେତେବେଳେ ଶିଶୁମାନଙ୍କଠାରେ ଆବେଗର ହଠାତ୍ ବିସ୍ଫୋରଣ ହୁଏ, ସେମାନଙ୍କ ସହିତ ଶାନ୍ତ ଏବଂ ବୁଦ୍ଧିମାନର ସହିତ ବ୍ୟବହାର କରିବା ଉଚିତ୍ ।

(ଜ) ଶିଶୁମାନଙ୍କର ବ୍ୟକ୍ତିତ୍ୱକୁ ସମ୍ମାନ ପ୍ରଦର୍ଶନ କରିବା ଏବଂ ସେମାନଙ୍କ ଉପରେ ଆସ୍ଥା / ବିଶ୍ୱାସ ସ୍ଥାପନା କରିବା ଆବଶ୍ୟକ ।

(ଝ) ଶିଶୁର ଗ୍ରହଣଯୋଗ୍ୟ ବ୍ୟବହାରକୁ ଉତ୍ସାହିତ କରିବା ।

(ଞ) ଏହା ମନେରଖିବାକୁ ହେବ ଯେ, ଶିଶୁମାନେ ହେଉଛନ୍ତି ସାମାଜିକ ପ୍ରାଣୀ ଯାହା ସେମାନଙ୍କର ବ୍ୟକ୍ତିତ୍ୱ ବିକାଶକୁ ପ୍ରଭାବିତ କରିଥାଏ ।

(ଟ) ପରିବାରର ଅଭିଜ୍ଞତା ବ୍ୟତୀତ ଶିଶୁକୁ ଆଞ୍ଚଳିକ ପରିବେଶ ସହିତ ମିଶିବା ପାଇଁ ସୁଯୋଗ ପ୍ରଦାନ କରିବା ଆବଶ୍ୟକ ।

(ଠ) ଅପରିପକ୍ୱତା ଏବଂ ସ୍ୱଳ୍ପ ସାଧିନତା ଶିଶୁର ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ବିଘ୍ନରଯୋଗ୍ୟ ଅଟେ ।

(ଡ) ଶିଶୁର ବିଭିନ୍ନ କ୍ଷେତ୍ରରେ ଆଗ୍ରହ ଯଥା - 'ହସ୍ତଶିଳ୍ପ' ଏବଂ 'ଆନନ୍ଦ ପାଇଁ କାର୍ଯ୍ୟ (ହବି)' ଇତ୍ୟାଦି ବିକଶିତ ହେବା ଉଚିତ୍ ।

(ଢ) ପରୀକ୍ଷଣ ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ।

(ଣ) ଲେଖା ସମୂହ ଯୋଗାଇଦେଇ ପଠନ ଉତ୍ସାହିତ କରିବା ଆବଶ୍ୟକ ।

(ତ) ଆଞ୍ଚଳିକ ପରିବେଶର ଅନୁଭୂତି ବିଦ୍ୟାଳୟ ଯୋଗାଇଦେବା ଆବଶ୍ୟକ ।

(ଥ) ବାଳକ ବାଳିକା ମାନଙ୍କୁ ପୃଥକ ପୃଥକ ସୂଚନା ଓ କାର୍ଯ୍ୟପ୍ରଦାନ କରି ସେମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବା ଆବଶ୍ୟକ ।

(ଦ) ଶିଶୁର ଆବେଗକୁ ଉପଯୁକ୍ତ ଭାବେ ତାଲିମ ଦେବା ଉଚିତ୍ । ଆବେଗିକ ଶକ୍ତି ଗୁଡ଼ିକୁ ଉପଯୁକ୍ତ ଭାବେ ଏବଂ ସମାଜ ଦ୍ୱାରା ଗ୍ରହଣୀୟ ହେବା ଭଳି ନିର୍ଦ୍ଦେଶନା ଦିଆଯିବା ଆବଶ୍ୟକ ।

**ଚଳନକ୍ଷମ କୌଶଳ ଏବଂ ଜ୍ଞାନର ବିକାଶ**

ବ୍ୟାପକ ଭାବେ ଆମେ ଚଳନକ୍ଷମ କୌଶଳ ଏବଂ ପ୍ରତୀକାତ୍ମକ କୌଶଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବା । ଚଳନକ୍ଷମ କୌଶଳ ମୁଖ୍ୟତଃ ପ୍ରତ୍ୟକ୍ଷ ପ୍ରତୀକାତ୍ମକ କୌଶଳ ଏବଂ ପ୍ରତ୍ୟକ୍ଷ ଭାବେ ଶରୀର ଓ ଏହାର ଅଙ୍ଗପ୍ରତ୍ୟଙ୍ଗର ଅନ୍ତର୍ଭୁକ୍ତକରଣକୁ ବୁଝାଏ । ବ୍ୟକ୍ତିଗତ ତାରତମ୍ୟତା ଏବଂ ପାର୍ଥକ୍ୟ ବ୍ୟକ୍ତିଠାରେ / ଶିଶୁଠାରେ ପରିଲକ୍ଷିତ ହୁଏ ।

କେତେକ ଲୋକ ନୂତନ ଚଳନକ୍ଷମ ଦକ୍ଷତା ଗୁଡ଼ିକୁ ଶୀଘ୍ର ଆହରଣ କରନ୍ତି, ଆଉ କେତେକ ଏହି ଦକ୍ଷତା ଗୁଡ଼ିକୁ ମଧ୍ୟମ ଗତିରେ ଆହରଣ କରନ୍ତି । ସେହିପରି ମଧ୍ୟ ଶାରୀରୀକ ସାମର୍ଥ୍ୟ ଓ ଚଞ୍ଚଳତାରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ପ୍ରତୀକାତ୍ମକ କୌଶଳ ଅବଲମ୍ବନ କରି ବ୍ୟକ୍ତି ପ୍ରଯତ୍ନ - ପ୍ରମାଦ ପ୍ରକ୍ରିୟା ମାଧ୍ୟମରେ ସମସ୍ୟାକୁ ଅଧିକ ଶୀଘ୍ର ଓ ବ୍ୟକ୍ତି ନିଜର ଅଭିଜ୍ଞତାକୁ ଅନ୍ୟକୁ ପ୍ରେରଣ କରିଥାଏ । ଏଣୁ ଏହା ନିଶ୍ଚିତ ଭାବରେ କୁହାଯାଇପାରେ ଯେ ପ୍ରତୀକ/ ସଂକେତ ସଂସ୍ଥାପନ କରିବା ମଣିଷର ବଡ଼ ଉଦ୍ଭାବନ ହୁଏ । ଉଦାହରଣ ସ୍ୱରୂପ - କେତେକ ଲୋକ ପ୍ରତୀକ ଗୁଡ଼ିକୁ ସହଜରେ ଏବଂ ପ୍ରାଞ୍ଜଳଭାବେ ବ୍ୟବହାର କରନ୍ତି ଏବଂ ଆଉ

ଟିପ୍ପଣୀ

କେତେକ ଲୋକ ଧିରେ ଧିରେ କରିବାରେ ଦ୍ୱିଧା ପ୍ରକାଶ କରନ୍ତି । କେତେକଙ୍କ ଠାରେ ଜ୍ଞାନର ପରିସୀମା ଅଧିକ ଥିଲାବେଳେ ଅନ୍ୟ କେତେକଙ୍କଠାରେ ଜ୍ଞାନର ପରିମାଣ ସୀମିତ ଥାଏ । କାର୍ଯ୍ୟ କରିବା ଓ ଚିନ୍ତନ ଦକ୍ଷତାରେ ମଧ୍ୟ ବ୍ୟକ୍ତିଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଚିନ୍ତନ ମାଧ୍ୟମରେ ମାନବ ଜାତି ବିଭିନ୍ନ ପରିସ୍ଥିତିକୁ ସମ୍ମୁଖୀନ ହେବା ଏବଂ ଭବିଷ୍ୟତର ସମ୍ଭାବ୍ୟତା ନିମନ୍ତେ ପ୍ରସ୍ତୁତ ହେବାରେ ସକ୍ଷମ ହୁଅନ୍ତି ।
ଚଳନକ୍ଷମ କୌଶଳର ବିକାଶ ନିମ୍ନରେ ଆଲୋଚିତ-

**(କ) ଚଳନ ଶକ୍ତି ଓ କୁଶଳରେ ପରିଚ୍ଛଳନା /କାରସାଦି କରିବା ଦକ୍ଷତା :**
ବ୍ୟାପକ ଭାବେ କ୍ରିୟାଶୀଳ କୌଶଳକୁ ଚଳନ ଶକ୍ତି ଏବଂ କୁଶଳରେ ପରିଚ୍ଛଳନା/କାରସାଦି ଶକ୍ତି ଭାବରେ ଶ୍ରେଣୀ ବିଭାଗ କରାଯାଇଛି । ଚଳନ କୌଶଳରେ ବିଭିନ୍ନ କ୍ରିୟାଶୀଳତା ଯଥା - ଚାଲିବା, ଦୌଡ଼ିବା, ଚଢ଼ିବା ଇତ୍ୟାଦି ଅନ୍ତର୍ଭୁକ୍ତ । କାରସାଦି କୌଶଳ ବିଭିନ୍ନ ବସ୍ତୁକୁ ଯତ୍ନ ସହକାରେ ପରିଚାଳନା କରିବାକୁ ବୁଝାଏ । ଚଳନ / କ୍ରିୟାଶୀଳ କୌଶଳ ବ୍ୟକ୍ତିର ସମଗ୍ର ଜୀବନରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଛୋଟଶିଶୁ ତା'ର ଚତୁଃପାର୍ଶ୍ୱର ବସ୍ତୁକୁ ହାତ ଓ ପଦଦ୍ୱାରା ଛୁଇଁବାରେ ସକ୍ଷମ ହୁଏ । ଯେତେବେଳେ ଶିଶୁଟି ଗୁରୁଣ୍ଡିବା ଆରମ୍ଭ କରେ, ସେତେବେଳେ ତାର ପୃଥିବୀ ଟିକିଏ ବଡ଼ ହୁଏ । ଏଣୁ, କେତେକ ଭାରତୀୟ ପରିବାରରେ ଯେତେବେଳେ ଶିଶୁଟି ଗୁରୁଣ୍ଡି ଏରୁଣ୍ଡିବନ୍ଧକୁ ଡେଇଁବା ଆରମ୍ଭ କରେ ସେତେବେଳେ ତା'ର ବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ପାଳନ କରାଯାଏ । ଯେତେବେଳେ ଶିଶୁଟି ଚାଲିବା ଆରମ୍ଭ କରେ, ତା'ର କାର୍ଯ୍ୟକଳାପର ପରିସର ବୃଦ୍ଧି ହୁଏ ଏବଂ ସେତେବେଳେ ଶିଶୁର ପିତାମାତା ଯତ୍ନବାନ ହେବା ଉଚିତ୍ ଯେପରି କୌଣସି ବସ୍ତୁର ଆଘାତରେ ଶିଶୁକୁ କ୍ଷତି ନହୁଏ । ମାତ୍ର ଶିଶୁ ନୂତନ ବସ୍ତୁକୁ ଦେଖିବା, ଛୁଇଁବା, ତା' ସହିତ ଖେଳିବାରେ ଆନନ୍ଦିତ ହୁଏ ନୂତନ ଅଭିଜ୍ଞତା ହାସଲ କରେ । ଏହି କୌଶଳ ଶିଶୁର ଅଙ୍ଗର ଗତି / କ୍ରିୟାଶୀଳତା ଏବଂ ହସ୍ତ ଓ ପାଦର ମାଂସପେଶୀୟ ଶକ୍ତିର ଅଭିବୃଦ୍ଧି ଦ୍ୱାରା ସକ୍ଷମ ହୁଏ । ବିଭିନ୍ନ କ୍ରିୟାଶୀଳତା କୌଶଳ ଶୈକ୍ଷିକ ପ୍ରକ୍ରିୟାର ଅନ୍ତର୍ଭୁକ୍ତ ଅଟେ, ଯଥା - ବିଭିନ୍ନ ଖେଳ କସରତ, ଚିତ୍ରାଙ୍କନ ଏବଂ ହସ୍ତକର୍ମ, କହିବା, ପଢିବା ଓ ଲେଖିବା ଇତ୍ୟାଦି ଚଳନ / କ୍ରିୟାଶୀଳ କୌଶଳ ଅନ୍ତର୍ଭୁକ୍ତ ଅଟେ ।

**(ଖ) କ୍ରିୟାଶୀଳ କୌଶଳର ଅଭିବୃଦ୍ଧି:** ଶିଶୁ ତିନିପ୍ରକାର କ୍ରିୟାଶୀଳ ପ୍ରତିକ୍ରିୟା ପ୍ରକାଶ କରିଥାଏ-

* ଅନିୟମିତ, ସାଧାରଣ କ୍ରିୟା କଳାପ କିମ୍ବା ସାମଗ୍ରୀକ ପ୍ରତିକ୍ରିୟା ଯେଉଁଥିରେ ଶିଶୁ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ ।
* ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ଯଥା- ଚୁଚୁମିବା, ସ୍ୱୟଂଚାଳିତ କ୍ରିୟା, ଜାବୁଡ଼ି ଧରିବା ଇତ୍ୟାଦି ଏବଂ ଜଟିଳ ଆଚରଣ ଗୁଡିକ ବିଭିନ୍ନ ସ୍ୱୟଂଚ୍ଛଳିତ ସମନ୍ୱୟ ପ୍ରତିକ୍ରିୟା ଅର୍ନ୍ତଭୁକ୍ତକରଣ ଅଟେ ଯଥା - ବିସ୍ମୟଜନକ ପ୍ରତିକ୍ରିୟା । ପ୍ରତିକ୍ରିୟା ଦକ୍ଷତା ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେଉଛି ଆଖି - ହାତର ସମନ୍ୱୟରେ ବିକାଶ ଯାହା ଶିଶୁକୁ ବସ୍ତୁନିକଟରେ ପହଞ୍ଚାଇବା ଓ ତାକୁ ଧରିବାରେ ସାହାଯ୍ୟ କରେ । ୭ - ୮ ମାସ ବେଳକୁ ଶିଶୁ ବସ୍ତୁ ନିକଟରେ ପହଞ୍ଚିବା ଓ ତାକୁ ଧରିବାରେ ଅନିୟମିୟତା ଗତି କରିଥାଏ । ଏହି ବସ୍ତୁ ଦୃଷ୍ଟି ପର୍ଯ୍ୟାୟରେ ଦୃଷ୍ଟି ଓ ଚଳନ ଶକ୍ତି ମଧରେ ବିନିମୟ ହୋଇଥାଏ । ଅର୍ଥାତ୍ ଶିଶୁ ବସ୍ତୁଟିକୁ ଦେଖିଲେ ତା'ମନରେ ପ୍ରତିକ୍ରିୟା ସୃଷ୍ଟି ହୁଏ ଓ ସେ ବସ୍ତୁ ନିକଟରେ ପହଞ୍ଚିବାକୁ ଓ ତାକୁ ଧରିବାକୁ ଚେଷ୍ଟା କରେ ।

ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଶିଶୁର ଚଳନଶକ୍ତି କୌଶଳର ଅଭିବୃଦ୍ଧି । ଏହି ଦକ୍ଷତା ଶିଶୁର ବୟସ ବଢିବା ସହ ବୃଦ୍ଧି ହୁଏ ।

ହସ୍ତଚାଳିତ କୌଶଳ ଯଥା - ବଲ୍ ଫିଙ୍ଗିବା, ଧରିବା, ପ୍ରତିକ୍ଷିପ୍ତ ହେବା ଇତ୍ୟାଦି ଆଖି - ହସ୍ତ - ବାହୁର ସମନ୍ୱୟ ଉପରେ ନିର୍ଭର କରିଥାଏ । ବୟସ ବଢ଼ିବା ସହିତ ଶିଶୁ ଅନାବଶ୍ୟକ ହସ୍ତପାଦ ଚାଳନା ହ୍ରାସ ପାଇବା ସହିତ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିଥାଏ । ଏଣୁ, ଶିଶୁ ୬ ବର୍ଷ ବେଳକୁ ପ୍ରାଥମିକ ବିଦ୍ୟାଳୟକୁ ପ୍ରବେଶ କରିଥାଏ । ଏହି ସମୟକୁ ତାର ଚଳନଶକ୍ତି ଏବଂ ହସ୍ତ ଚାଳିତ କୌଶଳର ଅଭିବୃଦ୍ଧି ହୋଇଥାଏ । ତେଣୁ ଶିଶୁ ଶାରୀରିକ ଅଙ୍ଗ ପ୍ରତ୍ୟଙ୍ଗର ଚାଳନାରେ ଦକ୍ଷ ହୁଏ ଓ ବିଭିନ୍ନ କାର୍ଯ୍ୟକରିବାରେ ସକ୍ଷମ ହୁଏ ।

**(ଗ) ଶିକ୍ଷଣ କୌଶଳର କେତେକ ଦିଗ-**

ଚଳନ କୌଶଳର ଶିକ୍ଷଣ ଉଭୟ କେନ୍ଦ୍ରୀୟ ସ୍ନାୟୁବିକ ବ୍ୟବସ୍ଥା ଏବଂ ଶାରୀରିକ ମାଂସପେଶୀ ଉପରେ ନିର୍ଭର କରିଥାଏ ଏବଂ ସ୍ୱୟଂଚାଳିତ ସ୍ନାୟୁସଂସ୍ଥା ଓ ଅନ୍ତ୍ରିକ ଅଙ୍ଗର ଏକତ୍ରିତ ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଶାରୀରିକ କ୍ରିୟା ଶୀଘ୍ର, ନିର୍ଦ୍ଦିଷ୍ଟ ଏବଂ ସୀମିତ ହୋଇଥାଏ । ଅନ୍ୟ ଅର୍ଥରେ କହିଲେ ରକ୍ତବାହୀ ନଳୀ କିମ୍ବା ମାଂସପେଶୀର ଧୀର ଏବଂ କ୍ରମାଗତ ପ୍ରତିକ୍ରିୟା ଫଳରେ ଆମେ ଆମର ଭାବନା ଓ ସମ୍ବେଦନାକୁ ସୀମିତ କରିପାରୁନା କିମ୍ବା ତାହାକୁ ସଠିକ୍ ଭାବେ ବର୍ଣ୍ଣନା କରିପାରୁନା । ଏହା ଶ୍ରବଣ ଶକ୍ତିର ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ । ଶିକ୍ଷଣ କୌଶଳ ମାଂସ ପେଶୀର ପ୍ରତିକ୍ରିୟାର ପରିବର୍ତ୍ତନଠାରୁ ଶାରୀରିକ ମାଂସପେଶୀର ପ୍ରତିକ୍ରିୟା ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ଅଟେ । ଶିକ୍ଷଣର ପ୍ରାରମ୍ଭରେ ଶିଶୁ, ବିରକ୍ତି ପ୍ରକାର କରେ କାରଣ ସେ ନୂତନ ପରିସ୍ଥିତି ବା ବ୍ୟକ୍ତିଙ୍କ ଦ୍ୱାରା ଭୟଭୀତ ହେବା କିମ୍ବା ଲଜ୍ଜିତ ହେବାର ସମ୍ଭାବନା ଥାଏ । ଶିଶୁ ଉତ୍କଣ୍ଠା ପ୍ରକାଶ କରିବାର ଉଦ୍ଦେଶ୍ୟକୁ ବିଭିନ୍ନ ପ୍ରତିକ୍ରିୟାରେ ପ୍ରକାଶ କରିଥାଏ । ଅନ୍ୟ ଅର୍ଥରେ କହିଲେ ବାରମ୍ବାର ଅଭ୍ୟାସ ପରେ ଶିଶୁର କାର୍ଯ୍ୟକଳାପରେ ସହଜତା, ଦକ୍ଷତା ଓ ସନ୍ତୁଳନତା ପ୍ରକାଶିତ ହୁଏ ।

'ଅଭିପ୍ରେରଣା' ଯେକୌଣସି ଶିକ୍ଷଣ କୌଶଳ ନିମନ୍ତେ ଅତ୍ୟନ୍ତ ଦରକାରୀ ଅଟେ । ସର୍ବାଧିକ 'ଅଭିପ୍ରେରଣା' ଫଳପ୍ରଦ ଶିକ୍ଷଣ ନିମନ୍ତେ ସହାୟତା ପ୍ରଦାନ କରିଥାଏ । ଏତଦ୍ ବ୍ୟତୀତ ସ୍ଥାନାନ୍ତରୀକରଣ କାରକ ମଧ୍ୟ ଶିକ୍ଷଣରେ ସହାୟତା ପ୍ରଦାନ କରିଥାଏ । ଯେଉଁ ବ୍ୟକ୍ତି ବ୍ୟାପକ ଭାବେ ବିଭିନ୍ନ କୌଶଳଗତ ଦକ୍ଷତା ହାସଲ କରିଥାଏ, ସେ ନୂତନ ଦକ୍ଷତା / କୌଶଳ ଗୁଡ଼ିକୁ ବହୁ ସହଜରେ ଶିଖିପାରେ । ଏହି ସମୟ ପୂର୍ବରୁ ସ୍ୱତନ୍ତ୍ର ଶିକ୍ଷଣର ସ୍ୱଳ୍ପ- ସମୟ ପ୍ରଭାବ ରହିଥାଏ । କୌଶଳ / ଦକ୍ଷତାର ଜଟିଳତା ଶିକ୍ଷଣର ହାରକୁ ପ୍ରଭାବିତ କରିବା ସହିତ ଶିକ୍ଷଣର ସର୍ବୋଚ୍ଚ ସ୍ତରକୁ ହାସଲ କରିଥାଏ । ଶିଶୁକୁ ନିଜକାର୍ଯ୍ୟ ସଂପାଦନରେ ସର୍ବୋଚ୍ଚ ଗୁଣାତ୍ମକ ଜ୍ଞାନ ଏବଂ ସୂଚନା ପ୍ରଦାନ କରିବା ଆବଶ୍ୟକ । ଏହା ମଧ୍ୟ ଦେଖାଯାଇଛି ଯେ ମାନସିକ ଅଭ୍ୟାସ ଶିକ୍ଷଣ କୌଶଳ ନିମନ୍ତେ ବ୍ୟାପକ ସୁଯୋଗ ପ୍ରଦାନ କରିଥାଏ । ଯଦି ଶିକ୍ଷାର୍ଥୀ କୌଣସି ବିଷୟରେ ଚିନ୍ତା କରେ ଏବଂ ତା'ର କଳ୍ପିତ ଚିତ୍ର ନିଜ ମନ ମଧ୍ୟରେ ଆଙ୍କିଥାଏ, ତେବେ ଏହା ଶିକ୍ଷାର୍ଥୀଙ୍କୁ ଶିକ୍ଷଣରେ ସାହାଯ୍ୟ କରିଥାଏ । ବିସ୍ମରଣର ମାତ୍ର ଅଧିକ ଶିକ୍ଷଣ ଏବଂ କ୍ରମାଗତ ଭାବେ ସଂକ୍ଷିପ୍ତ ଅଭ୍ୟାସ ମାଧ୍ୟମରେ ହ୍ରାସ ପାଇଥାଏ । ଅଧିକ ଜଟିଳ କୌଶଳ ଶିକ୍ଷଣ ପାଇଁ ଚଳଚିତ୍ର ଫଳପ୍ରଦ ଅଟେ ।

**ନୈତିକତା ବିକାଶ:** ନୈତିକ ବିକାଶ ଶିଶୁର ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ । ଏହାକୁ ଅଧିକତଃ ଚରିତ୍ର ଗଠନ କହିଲେ ଅତ୍ୟୁକ୍ତି ହେବନାହିଁ । ନୈତିକ ବ୍ୟବହାର ବା ଚରିତ୍ର ବ୍ୟକ୍ତିର ସର୍ବାଙ୍ଗୀନ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ଏକ ଅତ୍ୟାବଶ୍ୟକୀୟ ଗୁଣ ଅଟେ । ମାନବ ସମାଜ ଜନ୍ମରୁ ନୈତିକ କିମ୍ବା ଅନୈତିକ ହୋଇନଥାଏ । ସେମାନଙ୍କର ବ୍ୟବହାର ପିତାମାତା, ସାଙ୍ଗ, ପଡ଼ୋଶୀ, ଶ୍ରେଣୀ ଓ ବିଦ୍ୟାଳୟର ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ସମାଜ ଦ୍ୱାରା ପରିବର୍ତ୍ତିତ ହୋଇଥାଏ । ଶିଶୁର ଚରିତ୍ରର ବିକାଶ ନିମ୍ନଲିଖିତ କାରକ

ଟିପ୍ପଣୀ

ଉପରେ ନିର୍ଭର କରିଥାଏ । ଯଥା -

(କ) ବ୍ୟକ୍ତିର ଜୈବିକ ଗଠନ
(ଖ) ଭୌତିକ ପରିବେଶ
(ଗ) ସାମାଜିକ ପ୍ରଭାବ
(ଘ) ସାଂସ୍କୃତିକ କାରକ
(ଙ) ଶିଶୁର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ
(ଚ) ସାମାଜିକ - ଅର୍ଥନୈତିକ ଅବସ୍ଥା
(ଛ) ଗୋଷ୍ଠିର ନୀତି ଓ ନିୟମ
(ଜ) ମୂଲ୍ୟବୋଧ ଓ ସାମଗ୍ରୀକ ଅନୁଭୂତି
(ଝ) ସଚେତନ ତାଲିମ
(ଞ) ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଦଣ୍ଡ ।

**ନୈତିକ ବିକାଶର ବୈଶିଷ୍ଟ୍ୟ:**

ପର୍ଯ୍ୟାୟ ଅନୁଯାୟୀ ଶିଶୁର ନୈତିକ ବିକାଶ ନିମ୍ନରେ ବର୍ଣ୍ଣିତ -

**ଶୈଶବାବସ୍ଥା:**

(କ) ଜନ୍ମ ସମୟରେ ଶିଶୁ ନୈତିକ କିମ୍ବା ଅନୈତିକ ଭାବେ ଜନ୍ମ ହୋଇନଥାଏ ।

(ଖ) ଶିଶୁ ପରିପକ୍ୱତା ଓ ଅନୁଭୂତି ମାଧ୍ୟମରେ ବୃଦ୍ଧି ହାସଲ କରିବାର ସାମର୍ଥ୍ୟତା ସହିତ ଜନ୍ମଲାଭ କରିଥାଏ ।

(ଗ) ଆବଶ୍ୟକୀୟ ପରିପକ୍ୱତା ଶିଶୁର ନିର୍ଦ୍ଦିଷ୍ଟ ବ୍ୟବହାର ପ୍ରଦର୍ଶନ ନିମନ୍ତେ ଦରକାର ଅଟେ ।

(ଘ) ପିତାମାତାଙ୍କ ଦ୍ୱାରା ଘର ଓ ପରିବାରରୁ ଶିଶୁର ନୈତିକତାର ବିକାଶ ହୋଇଥାଏ । ଅବଶ୍ୟକସ୍ଥଳେ ଓ ଅଣ ସ୍ୱୀକୃତି ମାଧ୍ୟମରେ ଶିକ୍ଷକ ଆବଶ୍ୟକୀୟ ଚରିତ୍ର ବିକାଶ କରିପାରିବେ ।

(ଙ) ପ୍ରାକ୍ - ବିଦ୍ୟାଳୟ ପର୍ଯ୍ୟାୟରେ, ଶିକ୍ଷକ ଶିଶୁର ଗ୍ରହଣଯୋଗ୍ୟ ଆଚରଣ ଓ ବ୍ୟବହାରକୁ ବିକାଶରେ ସାହାଯ୍ୟ କରନ୍ତି । ଏହି ସମୟରେ ଶିକ୍ଷକ ବିଭିନ୍ନ ଚିତ୍ର, ଜୀବନ୍ତ ଉଦାହରଣ ମାଧ୍ୟମରେ ନୈତିକତା ଶିକ୍ଷା ଦିଅନ୍ତି ।

(ଚ) ଆନନ୍ଦ ଓ ଯନ୍ତ୍ରଣା ପ୍ରଦାନ ନୀତି ଅବଲମ୍ବନ କରି ସାମାଜିକ ଗ୍ରହଣୀୟ ଆଚରଣ ଗୁଡ଼ିକୁ ଶିକ୍ଷା ଦିଆଯାଇପାରିବ । ଏହା ଦ୍ୱାରା ଶିଶୁ ସମାଜର ଗ୍ରହଣୀୟତା ଓ ଆଶା ସମ୍ପୂର୍ଣ୍ଣ ଭାବେ ଅବଗତ ହୋଇପାରିବ ।

**ବାଲ୍ୟାବସ୍ଥା :**

(କ) ଏହି ପର୍ଯ୍ୟାୟରେ ଶିଶୁର ସାଙ୍ଗସାଥୀ ନୈତିକ ବ୍ୟବହାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

(ଖ) ଶିଶୁମାନଙ୍କର ସାଙ୍ଗସାଥୀମାନଙ୍କ ସହ ସଂପର୍କ, ପିତାମାତା, ଶିକ୍ଷକ, ସମାଜର ସଭ୍ୟମାନଙ୍କ ଦ୍ୱାରା ପୁରସ୍କାର ଓ ଦଣ୍ଡ, ଶିଶୁର ନୈତିକତାକୁ ଦୃଢ ଭାବରେ ବିକଶିତ କରିଥାଏ ।

(ଗ) ଏହି ପର୍ଯ୍ୟାୟରେ ଶିଶୁ ସାମାଜିକ, ସାଂସ୍କୃତିକ, ନୀତି, ନିୟମ, ଆଚରଣ ଇତ୍ୟାଦି ସଂସ୍ପର୍ଶରେ ଆସିଥାଏ ଓ ତା ସହିତ ପରିଚିତ ହୁଏ ।

(ଘ) ଆଧ୍ୟାତ୍ମିକ ଗଳ୍ପ, ନୀତିଶିକ୍ଷାର ମୁଖସ୍ଥ ଦ୍ୱାରା ଶିଶୁର ନୈତିକ ଆଚରଣର ବିକାଶ ହୋଇନଥାଏ । ମାତ୍ର, ଏଗୁଡ଼ିକର ଅଭ୍ୟାସ ଓ ଅର୍ନ୍ତମନନ ଦ୍ୱାରା ନୈତିକତାର ବିକାଶ ହୁଏ ।

(ଙ) ସାଧୁତା, ସତ୍ୟବାଦିତା, ବିଶ୍ୱାସ ଇତ୍ୟାଦି ସମୟର ଗତି ଏବଂ ଶିଶୁର ବୟସ ଅନୁସାରେ ଅଭିବୃଦ୍ଧି ଘଟିଥାଏ ।

(ଚ) ନିରପେକ୍ଷ ରହିବା ଗୁଣ ଏବଂ ଦକ୍ଷତା ଶିଶୁକୁ ସ୍ୱୟଂଚାଳିତ ଏବଂ ଆଦର୍ଶ କରି ଗଢିଥାଏ ।

**ନିଜର ପ୍ରଗତି ପରଖିବା – ୪**

ଶିଶୁର ବାଲ୍ୟାବସ୍ଥାରେ ବିକାଶର ବିଭିନ୍ନ ପର୍ଯ୍ୟାୟକୁ ଆଲୋଚନା କର । (୧୦୦ଟି ଶବ୍ଦରେ ଲେଖ)

.......................................................................................................

.......................................................................................................

.......................................................................................................

.......................................................................................................

.........................................................................

**୧. ୬. ୨: ବିକାଶର ବିଭିନ୍ନ ପର୍ଯ୍ୟାୟରେ ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟାର ପ୍ରୟୋଗ:**

ବୃଦ୍ଧି ବିକାଶର ଜ୍ଞାନ ଏବଂ ବିକାଶର ନୀତି ଶିକ୍ଷକଙ୍କ ନିମନ୍ତେ ଅପରିହାର୍ଯ୍ୟ ଅଟେ । ନିମ୍ନଲିଖିତ ଉକ୍ତିଗୁଡ଼ିକୁ ପଢ ଏବଂ ଶ୍ରେଣୀରେ କିପରି ସହାୟକ ହେବ ତା'ର ଅନୁଧ୍ୟାନ କର ।

(କ) ଏହା ଶିକ୍ଷକଙ୍କୁ ତାଙ୍କର ଶିକ୍ଷାଦାନ ଧାରା ଓ ଶିକ୍ଷାଦାନ ସ୍ତରକୁ ଶିଶୁମାନଙ୍କର ବିକାଶ ସ୍ତର ସହିତ ମେଳକ/ ତୁଳନା କରିବାରେ ସାହାଯ୍ୟ କରିଥାଏ ଫଳରେ ସଫଳତାର ସହିତ ବିଷୟବସ୍ତୁ ଗୁଡ଼ିକ ଶିଶୁମାନଙ୍କୁ ଜଣାଇବାରେ ଶିକ୍ଷକ ସକ୍ଷମ ହୋଇଥାନ୍ତି ।

(ଖ) ଶିଶୁର ଆଶା ଓ ଆକାଂକ୍ଷାର ସୀମାକୁ ମନନ / ଚିନ୍ତନ କରିବାକୁ ସମର୍ଥ କରାଏ । ତେଣୁ ଶିକ୍ଷକ ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ, ବୟସ ଅନୁଯାୟୀ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି ।

(ଗ) ଶିଶୁର ପରିପକ୍ୱତା ଓ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ଶିକ୍ଷଣ ସହାୟତା ପ୍ରଦାନ ଏବଂ ନିର୍ଦ୍ଦିଷ୍ଟ କେତେକ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରନ୍ତି ଓ ଶିକ୍ଷାର୍ଥୀଙ୍କୁ ବୁଝି ଆବଶ୍ୟକୀୟ ଶିକ୍ଷଣ ସହାୟତା ପ୍ରଦାନ କରିଥା'ନ୍ତି ।

(ଘ) ଶିଶୁର ବିକାଶ ଧାରା ଅନୁଯାୟୀ ଶିକ୍ଷକ ଶିକ୍ଷଣ ଯୋଜନା ପ୍ରସ୍ତୁତ କରଥାନ୍ତି । ଉ.ସ. - ନିର୍ଦ୍ଦିଷ୍ଟରୁ ସାଧାରଣ ଏବଂ ସାଧାରଣରୁ ନିର୍ଦ୍ଦିଷ୍ଟ ।

(ଙ) ଶିକ୍ଷଣର ବିଭିନ୍ନ ଅଂଶ ମଧ୍ୟରେ ପାରସ୍ପରିକ ସଂପର୍କ ଏବଂ ପରସ୍ପର ନିର୍ଭରଶୀଳ ଶିଶୁର ସୁସଂଗତ ବିକାଶରେ ସାହାଯ୍ୟ କରେ ।

(ଚ) ସମାନତା ପ୍ରକ୍ରିୟା / ଧାରା ପ୍ରତ୍ୟେକ ବ୍ୟକ୍ତିର ବିକାଶକୁ ପ୍ରସ୍ତୁତ କରିଥାଏ ।

(ଛ) ଶିଶୁର ବିକାଶ ନିମନ୍ତେ ଶିକ୍ଷଣ ପରିବେଶର ଭୂମିକାକୁ ଉପଲବ୍ଧି କରି ତଦ୍‌ନୁଯାୟୀ ଉପଯୁକ୍ତ ଦୃଷ୍ଟି ଦେବା ଉଚିତ୍ ।

(ଜ) ବିକାଶ ଏକ କ୍ରମାଗତ ପ୍ରକ୍ରିୟା ଏବଂ ବ୍ୟକ୍ତି ଜୀବନର ବିଭିନ୍ନ ପର୍ଯ୍ୟାୟରେ ନିରବଚ୍ଛିନ୍ନ ଭାବରେ

ଟିପ୍ପଣୀ

ଗତି କରିଥାଏ । ତେଣୁ ଶିଶୁର/ ବ୍ୟକ୍ତିର ବିକାଶ ନିମନ୍ତେ କ୍ରମାଗତ ପ୍ରଚେଷ୍ଟାଜାରି ରଖିବା ନିହାତି ଆବଶ୍ୟକ ।

(ଢ) ବ୍ୟକ୍ତିଗତ ପାର୍ଥକ୍ୟ ସମ୍ବନ୍ଧୀୟ ଜ୍ଞାନ ଓ ନିୟମାବଳୀ ଶିଶୁର ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ପରିବର୍ତ୍ତନକୁ ବୁଝିବାରେ ସାହାଯ୍ୟ କରିଥାଏ । ପ୍ରତ୍ୟେକ ଶିଶୁକୁ ତା'ର ଶିଖିବାର ସାମର୍ଥ୍ୟ ଓ ଆଗ୍ରହ ଅନୁସାରେ ସହାୟତା ପ୍ରଦାନ କରିବା ଆବଶ୍ୟକ ।

(ଞ) ଶିଶୁର ବୃଦ୍ଧି ଓ ବିକାଶର ଧାରା ଅନୁଯାୟୀ ତା'ର ଶିକ୍ଷଣ ସାମର୍ଥ୍ୟତା ବୃଦ୍ଧି ଉଦ୍ଦେଶ୍ୟରେ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରି ଆବଶ୍ୟକୀୟ ଶିକ୍ଷଣ ପରିବେଶ ପ୍ରଦାନ କରିବାରେ ଶିକ୍ଷକ ସମର୍ଥ ହୋଇଥାନ୍ତି ।

**ନିଜର ପ୍ରଗତି ପରଖିବା - ୫**

ବୃଦ୍ଧି ଓ ବିକାଶର ଜ୍ଞାନ ଶିକ୍ଷକଙ୍କୁ ଶିକ୍ଷଣ କାର୍ଯ୍ୟ ସଂଗଠନରେ ସାହାଯ୍ୟ କରିବ କି ? (୧୦୦ଟି ଶବ୍ଦରେ ଲେଖ)

..........................................................................................................

..........................................................................................................

..........................................................................................................

..........................................................................................................

..................................................................

## ୧. ୭ ଶିଶୁର ବୃଦ୍ଧି ଓ ବିକାଶ ନିମନ୍ତେ ଶିକ୍ଷକଙ୍କ ଭୂମିକା

ଜଣେ ଶିକ୍ଷକଙ୍କୁ ବିଭିନ୍ନ ସାମାଜିକ - ଆର୍ଥନୈତିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିରୁ ଆସୁଥିବା ବିଭିନ୍ନ ବୟସର ପିଲାମାନଙ୍କ ସହିତ ମିଶି ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟ ସଂପାଦନ କରିବାକୁ ପଡେ । ଶିକ୍ଷକ ହେଉଛନ୍ତି ଜଣେ ସାମାଜର ପ୍ରତିନିଧି ଯିଏକି ପିଲାମାନଙ୍କ ବ୍ୟବହାରରେ ଆବଶ୍ୟକୀୟ ପରିବର୍ତ୍ତନ ଆଣି ସମାଜରେ ତାକୁ ଏକ ଦାୟିତ୍ୱବାନ ନାଗରିକ ଭାବେ ଗଢି ତୋଳିବାରେ ସହାୟକ ହୁଅନ୍ତି । ଯାହା ଫଳରେ ଶିଶୁଟି ବଡ଼ ହୋଇ ଦେଶର ଜଣେ ସୁନାଗରିକ ହେବା ସହିତ ଦେଶର ବିକାଶରେ ନିଜକୁ ସାମିଲ କରିପାରିଥାଏ । ଶିଶୁଟି ବିଦ୍ୟାଳୟକୁ ଯିବା ପୂର୍ବରୁ ତାର ଘର, ପରିବାର, ପଡ଼ୋଶୀ ଏବଂ ପରିବେଶରୁ ବିଭିନ୍ନ ପ୍ରକାରର ଶିକ୍ଷା ଲାଭ କରିଥାଏ । ବ୍ୟକ୍ତିଗତ ପାର୍ଥକ୍ୟତା ଶିଶୁର ଶିକ୍ଷଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଶିକ୍ଷକ ପ୍ରତ୍ୟେକ ଶିଶୁଙ୍କର ଦକ୍ଷତା ଓ ଗୁଣାବଳୀ ଜାଣିବା ଆବଶ୍ୟକ, ଯାହା ଫଳରେ ଶିକ୍ଷକ ଏହି ସବୁକୁ ବୁଝି ତଦ୍‌ନୁସାରେ ଶିଶୁକୁ ସମର୍ଥ କରାଇବା ଓ ସମାଜରେ ପ୍ରତିଷ୍ଠିତ କରିବା ନିମନ୍ତେ ସକ୍ଷମ ହେବେ । ଶିକ୍ଷକ ଶିଶୁର ବୃଦ୍ଧି ଓ ବିକାଶ ସମ୍ବନ୍ଧୀୟ ଜ୍ଞାନ ହାସଲ କରିବା ଏବଂ ପ୍ରତ୍ୟେକ ପର୍ଯ୍ୟାୟର ବୈଶିଷ୍ଟ୍ୟକୁ ଜାଣି ସେହି ଅନୁସାରେ ତାକୁ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରି ସୁସ୍ଥ ଭାବେ ଗଢି ତୋଳିବା ନିମନ୍ତେ ସହାୟକ ହୋଇପାରିବେ । ଶିଶୁର କ୍ରମାଗତ ବ୍ୟାବହାରିକ ପରିବର୍ତ୍ତନ ପରିବେଶର ସଂସ୍ପର୍ଶ ଯୋଗୁଁ ସମ୍ଭବ ହୁଏ । ତେଣୁ ଜଣେ ଭାବୀ ଶିକ୍ଷକଙ୍କର ଏହି ବିଷୟରେ ଜ୍ଞାନ ରହିବା ଆବଶ୍ୟକ । ଜଣେ ଉତ୍ତମ ଶିକ୍ଷକ ଶିଶୁର ବର୍ତ୍ତମାନ ଓ ଭବିଷ୍ୟତ ଜୀବନ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଶିକ୍ଷକଙ୍କର ବିଭିନ୍ନ ଅବଦାନଗୁଡିକ ନିମ୍ନରେ ସ୍ଥାନିତ ହୋଇଅଛି ।

* ଶିକ୍ଷକ ଶିଶୁଙ୍କର ଭିନ୍ନ ଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ବିଭିନ୍ନ କାର୍ଯ୍ୟ ସଂପାଦନ ପାଇଁ ସୁଯୋଗ ପ୍ରଦାନ କରିବା, ଉପଯୁକ୍ତ ସଫଳତା ପାଇଁ ଉସାହିତ କରିବା, ଅନ୍ୟକୁ ସାହାଯ୍ୟ କରିବା ପାଇଁ

ଟିପ୍ପଣୀ

ସୁଯୋଗ ସୃଷ୍ଟି କରିବା, ବିଭିନ୍ନ ବାଧାବିଘ୍ନକୁ ହଟାଇ ସ୍ୱାଧୀନତା ପ୍ରଦାନ କରିବା ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ଚେଷ୍ଟା କରିଥାନ୍ତି ।

* ଶିଶୁମାନଙ୍କୁ ତତ୍ତ୍ୱାବଧାନକରି ବିଭିନ୍ନ ଅଭିଜ୍ଞତା ମାଧ୍ୟମରେ ଆଦ୍ୟ ସାମାଜିକ ପ୍ରଶିକ୍ଷଣ ପ୍ରଦାନ କରିବା, ବୃତ୍ତିଗତ ପଥପ୍ରଦର୍ଶନ କରିବା, ନୈତିକ ଆଚରଣ ଗତ ତାଲିମ ପ୍ରଦାନ, ସୁସ୍ଥ ଜୀବନ ଯାପନ ପାଇଁ ଶିକ୍ଷଣ ପ୍ରଦାନ ଇତ୍ୟାଦିରେ ସହାୟତା, ଶିକ୍ଷକ କରିଥାନ୍ତି ।
* ଶିଶୁର ମାନସିକ ବିକାଶ ପାଇଁ ବିଭିନ୍ନ ସୁଯୋଗ ଯଥା- ପ୍ରଶ୍ନର ଉତ୍ତର ଦେବା, ବିଭିନ୍ନ ଖେଳ ମାଧ୍ୟମରେ ଉତ୍ସାହ ପ୍ରଦାନ କରିବା ଇତ୍ୟାଦି ।
* ଶିଶୁର ଆବେଗିକ ଦକ୍ଷତାର ବୃଦ୍ଧି ଏବଂ ସମାଜିକ ନିରାପତ୍ତା ପ୍ରଦାନ ନିମିତ୍ତ ଶିଶୁ ସୁଲଭ ପରିବେଶ ଏବଂ ସୁସ୍ଥ ବାତାବରଣ ସୃଷ୍ଟି ଶିକ୍ଷକ କରିଥାନ୍ତି ।

**ନିଜର ଅଗ୍ରଗତି ପରଖିବା – ୬**

ଜଣେ ଶିକ୍ଷକ ଶିଶୁର ସୁସ୍ଥ ବୃଦ୍ଧି ଓ ବିକାଶ ନିମିତ୍ତ କ'ଣ କରିବା ଆବଶ୍ୟକ ? (୧୦୦ଟି ଶବ୍ଦରେ ଲେଖ)

.................................................................................................
.................................................................................................
.................................................................................................
.................................................................................................
................................................................

**୧.୮: ସାରାଂଶ**

ଶିଶୁଟିର ବୃଦ୍ଧି ଓ ବିକାଶ ହୋଇ ପ୍ରୌଢ଼ରେ ପରିଣତ ହୁଏ । ବୃଦ୍ଧି କହିଲେ ଓଜନ ଓ ଉଚ୍ଚତାର ପରିବର୍ତ୍ତନକୁ ବୁଝାଏ । ବିକାଶ ବ୍ୟବହାର ଓ କାର୍ଯ୍ୟକଳାପର ପରିବର୍ତ୍ତନକୁ ବୁଝାଏ । ବଂଶାନୁ କ୍ରମିକ ଏବଂ ପରିବେଶ ଶିଶୁର ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରିଥାଏ । ବିକାଶର ବିଭିନ୍ନ ପର୍ଯ୍ୟାୟ ଗୁଡ଼ିକ ହେଉଛି - ଶୈଶବ, ଆଦ୍ୟ ବାଲ୍ୟାବସ୍ଥା, ଶେଷ ବାଲ୍ୟାବସ୍ଥା, କୈଶୋରବସ୍ଥା ଇତ୍ୟାଦି । ଏହିସବୁ ପର୍ଯ୍ୟାୟରେ ଶିଶୁର ଶାରୀରିକ, ମାନସିକ, ଆବେଗିକ ଏବଂ ନୈତିକ ବିକାଶ ହୋଇଥାଏ । ଜଣେ ଶିକ୍ଷକ ଶିଶୁର ଏହିସବୁ ପର୍ଯ୍ୟାୟରେ ହେଉଥିବା ବିକାଶର ବୈଶିଷ୍ଟ୍ୟକୁ ବୁଝିବା ଆବଶ୍ୟକ ଏବଂ ସ୍ନେହ, ଭଲପାଇବା ଓ ଉତ୍ସାହିତ କରିବା ଦ୍ୱାରା ଶିଶୁର ଉତ୍ତମ ବିକାଶ ହୋଇଥାଏ । ତତ୍‌ସହିତ ଉପଯୁକ୍ତ ଶିକ୍ଷଣ ପଦ୍ଧତିର ବିକାଶ ମାଧ୍ୟମରେ ଶିଶୁ ବିଭିନ୍ନ ଆବଶ୍ୟକତାକୁ ଜାଣିବା ତତ୍‌ଅନୁଯାୟୀ ଶିକ୍ଷଣ ପ୍ରଦାନ କରିବା ଆବଶ୍ୟକ ।

**୧.୯: ନିଜ ପ୍ରଗତି ପରଖିବାର ଉତ୍ତର**

**ନିଜ ପ୍ରଗତି ପରଖିବା – ୧:** ହଁ, ବୃଦ୍ଧି ବିକାଶ ମଧ୍ୟରେ ପାର୍ଥକ୍ୟ ରହିଛି । ବୃଦ୍ଧି କହଲେ ଓଜନ, ଆକାର, ଉଚ୍ଚତାର ଓ ଲମ୍ବର ପରିବର୍ତ୍ତନକୁ ବୁଝାଇବା ବେଳେ ବିକାଶ ଆକାର ଓ ଆକୃତିର ପରିବର୍ତ୍ତନ ଯୋଗୁଁ କାର୍ଯ୍ୟଧାରାରେ ଗୁଣାତ୍ମକ ପରିବର୍ତ୍ତନ ଆଣିଥାଏ ।

**ନିଜ ପ୍ରଗତି ପରଖିବା – ୨:** ଗଠନ ନୀତି, ବିକାଶର ଦିଗ, କ୍ରମାଗତ, ଏକତୀତ୍ୱ, ବ୍ୟକ୍ତିଗତ ପାର୍ଥକ୍ୟ ସାଧାରଣରୁ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା, ସମନ୍ୱୟ, ପାରସ୍ପରିକ ସମ୍ବନ୍ଧ, ପ୍ରତ୍ୟାଶିତ ଇତ୍ୟାଦି ।

ଟିପ୍ପଣୀ

**ନିଜ ପ୍ରଗତି ପରଖିବା – ୩:** ବୃଦ୍ଧି ହେଉଛି କୋଷୀୟ ପରିବର୍ତ୍ତନ, ଯଥା : ଉଚ୍ଚତା, ଓଜନ ଇତ୍ୟାଦିର ବୃଦ୍ଧି ଏବଂ ବିକାଶ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ସାଙ୍ଗଠନିକ ପରିବର୍ତ୍ତନ ।

**ନିଜ ପ୍ରଗତି ପରଖିବା – ୪:** ବିକାଶର ବିଭିନ୍ନ ମୁଖ୍ୟ ପର୍ଯ୍ୟାୟ ହେଉଛି-

ଶୈଶବାବସ୍ଥା - ଜନ୍ମରୁ ୨ ବର୍ଷ

ଆଦ୍ୟବାଲ୍ୟାବସ୍ଥା - ୨ ରୁ ୬ ବର୍ଷ

ଶେଷ ବାଲ୍ୟାବସ୍ଥା - ୬ ରୁ ୧୨ ବର୍ଷ

କୈଶୋରାବସ୍ଥା - ୧୨ ରୁ ୧୯ ବର୍ଷ

**ନିଜ ପ୍ରଗତି ପରଖିବା – ୫:** ବୃଦ୍ଧି ଓ ବିକାଶର ବିଭିନ୍ନ ପର୍ଯ୍ୟାୟରେ ଥିବା ବ୍ୟକ୍ତିଗତ ପାର୍ଥକ୍ୟକୁ ବୁଝିବା ।

**ନିଜ ପ୍ରଗତି ପରଖିବା – ୬:** ଜଣେ ଶିକ୍ଷକ ଶିଶୁକୁ ଯତ୍ନ, ଭଲପାଇବା, ସ୍ନେହ ଇତ୍ୟାଦି ମାଧ୍ୟମରେ ବୁଝିବା ଏବଂ ବିଭିନ୍ନ ଆବଶ୍ୟକତାକୁ ଚିହ୍ନଟ କରି ସହାୟତା ପ୍ରଦାନ କରିଥାନ୍ତି ।

## ୧. ୧୦: ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

* Wood, Chip(2007) yardsticks

* Junn, Ellen and Boyatizs,Chris(2007)

## ୧.୧୧ ପାଠାନ୍ତ ପ୍ରଶ୍ନାବଳୀ

୧ - ବୃଦ୍ଧି ଓ ବିକାଶର ସଂଜ୍ଞା ନିରୂପଣ କର ।

୨ - ବୃଦ୍ଧି ଓ ବିକାଶର ନୀତିକୁ ବର୍ଣ୍ଣନା କର ।

୩- ଆଦ୍ୟ ବାଲ୍ୟାବସ୍ଥାରେ ଶିଶୁର ଆବେଗିକ ଓ ବୌଦ୍ଧିକ ବିକାଶର ଯେକୌଣସି ଦୁଇଟି ଲେଖାଏଁ ତାଲିକା କର ।

୪ - ଶିଶୁର ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକ ଗୁଡ଼ିକୁ ଆଲୋଚନା କର ।

୫ - ଶିକ୍ଷକ ଶିଶୁର ବୃଦ୍ଧି ଓ ବିକାଶରେ କିପରି ସାହାଯ୍ୟ କରିପାରିବେ ?

-